ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 7 | 18 - 24 February 2024 | Sambalpur | Page- 8 | Invitation Price Rs.10

## ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ରାଜ୍ୟବାସୀଙ୍କ ଆଶୀର୍ବାଦ ହିଁ ମୋର ସଫଳତାର ରହସ୍ୟ: ନବୀନ ପଟ୍ଟନାୟକ

ଭୁବନେଶ୍ୱର : କ୍ରମାଗତ ୫ ପାଳି ସରକାର । ଅଢ଼େଇ ଦଶନ୍ଧି ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ । ଏହି ବିଶାଳ କାଳଖଣ୍ଡରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ରେକର୍ଡ ପରେ ରେକର୍ଡ କରି ଚାଲିଛନ୍ତି । ବିଭିନ୍ନ ସର୍ବେକ୍ଷଣରେ ନିଜ ରାଜ୍ୟରେ ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକଙ୍କ ସ୍ଥିତି ବଜାୟ ରହିଛି । ଓଡ଼ିଶାବାସୀ ନବୀନ ପଟ୍ଟନାୟକଙ୍କ ଉପରେ କେବଳ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିନାହାନ୍ତି । ତାଙ୍କୁ ରାଜ୍ୟ ତଥା ଦେଶର ସବୁଠୁ ଲୋକପ୍ରିୟ ନେତାର ମାନ୍ୟତା ଦେଇଛନ୍ତି । ନିକଟରେ ଅନୁଷ୍ଠିତ ସର୍ବେକ୍ଷଣରେ ମଧ ନବୀନ ଏକ ନମ୍ବର ସ୍ଥାନରେ ରହିଛନ୍ତି । ଆତ୍ମପ୍ରଚାରରୁ ଦୂରରେ ରହି କେବଳ ସାଧାରଣ ଲୋକଙ୍କ ପାଇଁ ସମର୍ପିତ କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଖୋଲିଛନ୍ତି ତାଙ୍କ ସଫଳତାର ରହସ୍ୟ । ମହାପ୍ରଭୁ ଜଗନ୍ନାଥଙ୍କ ଆଶିଷ ଓ ରାଜ୍ୟବାସୀଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଅନୌପଚାରିକ ଆଲୋଚନା ସମୟରେ ଏହା ପ୍ରକାଶ କରିଛନ୍ତି ନିଜେ ମୁଖ୍ୟମନ୍ତ୍ରୀ ।



ନିକଟରେ ଜାତୀୟ ଗଣମାଧମ 'ଇଣ୍ଡିଆ ଟୁଡ଼େ'ର ସର୍ବେକ୍ଷଣରେ ଦେଶର ଶ୍ରେଷ୍ଠ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବରେ ସ୍ଥାନ ପାଇଛନ୍ତି ନବୀନ ପଟ୍ଟନାୟକ । ଏହି ଲୋକପ୍ରିୟତାର ରହସ୍ୟକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି '୫- ଟି' ଅଧକ୍ଷ ଶ୍ରୀ ପାଣ୍ଡିଆନ । ପିଲାଟିଏ ନିଜର ପାଠ ପଢ଼ିବା ସମୟରେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବା ପାଇଁ ଢ଼େର ପରିଶ୍ରମ କରିଥାଏ । ପ୍ରତି ଦିନ, ପ୍ରତିମାସ ଏଥିପାଇଁ ପରିଶ୍ରମ କରିବାକୁ ପଡିଥାଏ । ତେବେ ଜଣେ ମୁଖ୍ୟମନ୍ତ୍ରୀ ଭାବରେ ଦୀର୍ଘ ୨୪ ବର୍ଷ ଧରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିବା ଓ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇ ରହିବାର ରହସ୍ୟ କ'ଣ ବୋଲି ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି । ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଫଳତା ଓ ଲୋକପ୍ରିୟତାର କୌଣସି ସୋପାନ ସୂତ୍ର ନାହିଁ । କେବଳ ମହାପ୍ରଭୁ ଜଗନ୍ନାଥ ଓ ରାଜ୍ୟବାସୀଙ୍କ ଆଶୀର୍ବାଦ ହିଁ ତାଙ୍କ ସଫଳତା ଓ ଲୋକପ୍ରିୟତାର ରହସ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ଶ୍ରୀ ପାଣ୍ଡିଆନଙ୍କ ଏହି ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

## ରାଜ୍ୟ ଓ ଦେଶର ଅର୍ଥନୈତିକ ଅଗ୍ରଗତିରେ ଆଇଆଇଏମ୍ ସମ୍ବଲପୁର ପ୍ରମୁଖ ଭୂମିକା ଗ୍ରହଣ କରି ପାରିବ: ପ୍ରମୋଦ କୁମାର ମିଶ୍ର





ସମ୍ବଲପୁର: ଆଇଆଇଏମ ସମ୍ବଲପୁର ଅନେକ ପ୍ରକଳ୍ପ ଓ ମାଷ୍ଟର ପ୍ଲାନ ବିକାଶ କରି ରାଜ୍ୟ ଓ ଦେଶର ଅର୍ଥନୈତିକ ଅଗ୍ରଗତିରେ



ପ୍ରମୁଖ ଭୂମିକା ଗ୍ରହଣ କରି ପାରିବ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।

ନିକଟରେ ସେ ସମ୍ବଲପୁର ଗସ୍ତରେ ଆସିଥିବା ବେଳେ ଆଇ.ଆଇ.ଏମ ସମ୍ବଲପୁର ପରିଦର୍ଶନ କରି କ୍ୟାମ୍ପସରେ ଥିବା ପ୍ରଶାସନିକ କାର୍ଯ୍ୟାଳୟ, ଅଡିଟୋରିଅମ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ ମୁକ୍ତାକାଶ ରଙ୍ଗମଞ୍ଚ ବୁଲି ଦେଖିଥିଲେ । ଏହାଛଡ଼ା ସେ ଆଇଆଇଏମର ପ୍ରଫେସର ଏବଂ ଛାତ୍ରଛାତ୍ରୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହା ଦେଖିବା ପରେ ଏଠାରେ ବିଶ୍ୱସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଇ ପାରିବ ବୋଲି ଡକ୍ଟର ମିଶ୍ର କହିଛନ୍ତି । ଏହି ଏବସରରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, ଆଇଆଇଏମ୍ ସମ୍ବଲପୁରର ମୁଖ୍ୟତଃ ତିନି ମାର୍ଗଦର୍ଶକ ନୀତି ହେଉଛି, ଉଦ୍ଭାବନ, ଅନ୍ତର୍ଭୁକ୍ତିକରଣ ଓ ସଚ୍ଚୋଟତା । ଆଇ. ଆଇଏମ୍ ସମ୍ବଲପୁର ଭାରତ ସରକାରଙ୍କ ପାଞ୍ଚଟି ପ୍ରମୁଖ ପଦକ୍ଷେପ ଉପରେ ଧ୍ୟାନ ଦେଉଛି । ନୂତନ ଶିକ୍ଷାନୀତି, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ ଏବଂ ମହିଳା ସଶକ୍ତିକରଣ । ପ୍ରଫେସର ଜୟସ୍ୱାଲ ମାଷ୍ଟର ବୁଣାକାରଙ୍କ ପାଇଁ ଚାଲିଥିବା ତାଲିମ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି । ଏହାସହ ସମ୍ବଲପୁର ଅନ୍ୟ ଆଇଆଇଏମ୍ ମଧରେ ପ୍ରଥମ ଅନୁଷ୍ଠାନ, ଯାହାର ଏମବିଏ ଆଡମିଶନରେ ସର୍ବାଧିକ ଲିଙ୍ଗ ଅନୁପାତ ରହିଛି ଏବଂ ଅଧାପକ ଓ କର୍ମଚାରୀଙ୍କ ମଧରେ ମଧ ୫୦-୫୦ ଅନୁପାତ ରହିଛି ବୋଲି ପ୍ରଫେସର ଜୟସ୍ୱାଲ କହିଛନ୍ତି । ସୂଚନା ଯୋଗ୍ୟ ଯେ, ଚଳିତ ମାସ ୩ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇଆଇଏମ ସମ୍ବଲପୁରର ସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରେରଣା ଯୋଗୁଁ ରାଜନୀତିରେ ପ୍ରବେଶ କରିଛି: ପାଣ୍ଡିଆନ

ଭୁବନେଶ୍ୱର : ବର୍ଷକ ତଳେ ରାଜୀତିରେ ପ୍ରବେଶ ପାଇଁ ତାଙ୍କର କୌଣସି ଆଗ୍ରହ ନ ଥିଲା । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ତାଙ୍କର ଅନ୍ତରାତ୍ମାର ଡାକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରେରଣା ଯୋଗୁଁ ସେ ରାଜନୀତିରେ ପ୍ରବେଶ କରିଛନ୍ତି ବୋଲି ନବୀନ ଓଡ଼ିଶା ଓ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ।

ସର୍ବଭାରତୀୟ ପ୍ରଶାସନିକ ସେବା ପଦ ଛାଡ଼ି ରାଜନୀତିରେ ପ୍ରବେଶ ପରେ ବିଜେଡିରେ ଯୋଗ ଦେଇଥିବା ଶ୍ରୀ ପାଣ୍ଡିଆନ ଜାତୀୟ ଗଣମାଧମ ଏଜେନ୍ସି ଏ.ଏନ୍.ଆଇ.କୁ ଦେଇଥିବା ପ୍ରଥମଥର ଲାଗି ସାକ୍ଷାତକାର ଦେଇ କହିଛନ୍ତି ଯେ, ୨୦୦୩ ମସିହାରେ ଧର୍ମଗଡ଼ ଉପଜିଲ୍ଲାପାଳ ଥିବା ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ ହୋଇଥିଲା । ଏହି ସାକ୍ଷାତ ତାଙ୍କ ପାଇଁ ସାରା ଜୀବନ ଅବିସ୍ମରଣୀୟ ହୋଇ ରହିଛି । ପ୍ରଥମ ଦେଖା ସମୟରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସାକୁ ସେ କେବେ ବି ଭୁଲି ପାରିବେ ନାହିଁ । ସେ ସମୟରେ ଚାଉଳକଳ ମାଲିକଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ଯୋଗୁଁ ତାଙ୍କୁ ବଦଳି ପାଇଁ ଏକ ଶକ୍ତିଶାଳୀ ଗୋଷ୍ଠୀ ଲାଗି ପଡ଼ିଥିଲେ, ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଯୋଗୁଁ ସେ ନିର୍ଭୀକ ଭାବରେ କାର୍ଯ୍ୟ କରିବାକୁ ସମର୍ଥ ହୋଇ ପାରିଥିଲେ ।

ସେ କହିଥିଲେ ଯେ, ସେ ଜଣେ ପ୍ରଶାସକ ହେଲେ ମଧ ନିଜକୁ ଜଣେ ସକ୍ରିୟ ସାମାଜିକ କର୍ମୀ ଭାବନ୍ତି ଏବଂ ଦ୍ରୁତ



ନିଷ୍ପତ୍ତି ନିଅନ୍ତି । ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷଙ୍କ ବହୁ କର୍ମଚାରୀଙ୍କୁ ସେ ଆଠମାସ କାର୍ଯ୍ୟକାଳ ଭିତରେ ସେମାନଙ୍କ ଝୁଲବୁହା ଟଙ୍କା ଫେରାଇବାରେ ସକ୍ଷମ ହୋଇଥିଲେ । ମୟୁରଭଞ୍ଜରେ ବର୍ଷକୁ ୭୦୦ ଭିନ୍ନକ୍ଷମ ସାର୍ଟିଫିକେଟ୍ ଦିଆଯାଉଥିବା ବେଳେ ତାଙ୍କ ଅମଳରେ ତାହା ୧୯୦୦୦ରେ ପହଞ୍ଚିଥିଲା ।


ଗତ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ସେ ମୁଖ୍ୟମନ୍ତ୍ରୀଙ୍କ ସହ କାର୍ଯ୍ୟ କରି ଆସିଛନ୍ତି । ତାଙ୍କର ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନ ଉପରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟଶୈଳୀ ଗଭୀର ରେଖାପାତ କରିଛି । ୧୯୯୯ ମସିହାରେ ବାତ୍ୟାବିଧ୍ୱସ୍ତ ଓଡ଼ିଶାରେ ନବରୂପ ରେ ରୂପାନ୍ତରିତ ହୋଇଛି ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

## ୧୫ ବର୍ଷ ପରେ ପ୍ରତ୍ୟକ୍ଷ ନିର୍ବାଚନକୁ ଫେରିବେ ଧର୍ମେନ୍ଦ୍ର

ସମ୍ବଲପୁର: ପ୍ରଥମେ ବିହାର ଓ ପରେ ମଧପ୍ରଦେଶରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୨ରେ ତାଙ୍କର ଏହି ରାଜ୍ୟସଭା ଯାତ୍ରା ଆରମ୍ଭ ହୋଇଥିଲା । କୌଣସି ଓଡ଼ିଆ ରାଜନେତା ଅନ୍ୟ ରାଜ୍ୟରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ନ ଥିବା ବେଳେ ଶ୍ରୀ ପ୍ରଧାନ ଏକ୍ଷେତ୍ରରେ ପ୍ରଥମ ନେତା ଥିଲେ ।

୨୦୧୨ରୁ ୨୦୧୮ ସେ ବିହାରର ରାଜ୍ୟସଭା ସଦସ୍ୟ ହେଲେ । ୨୦୧୮ରୁ ୨୦୨୪ ସେ ମଧ-ପ୍ରଦେଶର ସେ ରାଜ୍ୟସଭା ସଦସ୍ୟ ହେଲେ । ଏହି ସମୟରେ ହିଁ କେନ୍ଦ୍ରରେ ଲମ୍ବା ସମୟ ଧରି ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ମନ୍ତ୍ରୀ ରହିଲେ । ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ, ଦକ୍ଷତା ବିକାଶ, ଇସ୍ପାତ, ଉଦ୍ୟମିତା ଏବଂ ଶିକ୍ଷା ଭଳି ମନ୍ତ୍ରଣାଳୟର ଦାୟିତ୍ୱ ନେଲେ । ଏଥର କିନ୍ତୁ ତାଙ୍କୁ ଦଳ ଆଉ ରାଜ୍ୟସଭାକୁ



ନିର୍ବାଚିତ କଲାନାହିଁ । ତାଙ୍କର ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ତାଙ୍କ ସ୍ଥାନରେ ଦଳର ଅନ୍ୟ ନେତା ମଧ-ପ୍ରଦେଶରୁ ପ୍ରାର୍ଥୀ ହେଲେ । ଅନ୍ୟକୌଣସି ରାଜ୍ୟରୁ ମଧ ତାଙ୍କୁ ପ୍ରାର୍ଥୀ କରାଗଲାନାହିଁ । ଏପରିକି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନରେ ଦଳ ଓଡ଼ିଶାରୁ ପ୍ରାର୍ଥୀ କରିଥିବା ବେଳେ ଧର୍ମେନ୍ଦ୍ରଙ୍କୁ ପ୍ରାର୍ଥୀ କରାଗଲା ନାହିଁ । ଦୀର୍ଘ ୧୫ ବର୍ଷ ପରେ ପୁଣିଥରେ ଶ୍ରୀ ପ୍ରଧାନ ଏବେ ପ୍ରତ୍ୟକ୍ଷ ରାଜନୀତିକୁ ଫେରିବାର ରାସ୍ତା ରହିଛି । ସେ ୨୦୦୦ରୁ ବିଜେଡି-ବିଜେପି ମେଣ୍ଟପ୍ରାର୍ଥୀ ଭାବରେ ପାଲଲହଡା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୪ରୁ ୨୦୦୯ ମେଣ୍ଟ ପ୍ରାର୍ଥୀ ଭାବରେ ଦେବଗଡ ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ତେବେ ୨୦୦୯ରେ ମେଣ୍ଟ ଭାଙ୍ଗିଯିବା ପରେ ପାଲଲହଡା ଆସନରେ ନିର୍ବାଚନ ଲଢି ପରାସ୍ତ ହୋଇଥିଲେ । ବିଜେପି ପ୍ରାର୍ଥୀ ଭାବରେ ୨୦୦୯ ବିଧାନସଭା ନିର୍ବାଚନରେ ସେ ପାଲଲହଡ଼ା ଆସନରେ ଛିଡ଼ା ହୋଇଥିଲେ । ତାଙ୍କୁ ବିଜେଡି ପ୍ରାର୍ଥୀ ରବିନାରାୟଣ ପାଣି ୫ହଜାର ୪୬୭ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ । ଶ୍ରୀ ପାଣିଙ୍କୁ ୪୦ ହଜାର ୯୮୦ ଖଣ୍ଡ ଭୋଟ ମିଳିଥିବା ବେଳେ ଶ୍ରୀ ପ୍ରଧାନଙ୍କୁ ୩୫ ହଜାର ୫୧୩ ଖଣ୍ଡ ଭୋଟ ମିଳିଥିଲା । କଂଗ୍ରେସ ପ୍ରାର୍ଥୀ ବିଭୁଧେନ୍ଦ୍ର ପ୍ରତାପ ଦାସ ୨୧ ହଜାର ୨୫୮ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

## ଏ ସଂଖ୍ୟାରେ..



ପିଜୁଳିର ଉପଯୋଗିତା



ହାଡ଼କୁ ସବଳ କରେ ଦହି



କ୍ୟାନସର ପ୍ରତିରୋଧକ ଡିମ୍ବିରି



ଟମାଟୋ ସୁପ୍ ଖୁବ୍ ଉପଯୋଗୀ



ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା କଦଳୀ



ନଡିଆର ଉପକାରିତା

# ସମାଧିରେ ବ୍ରହ୍ମାନନ୍ଦର ଅନୁଭୂତି ହୋଇଥାଏ

ସମାଧି ହିଁ ଯୋଗ-ସାଧନାର ଚରମ ଅବସ୍ଥା । ସମାଧି ସାଧନାର ସାର, ସର୍ବସ୍ୱ, ଉପସଂହାର, ନିଷ୍କର୍ଷ, ଫଳ, ପ୍ରତିଫଳ, ପରିଣାମ ହୋଇଥାଏ । 'ସମାଧି' ଦୁଇଟି ଶବ୍ଦ ମିଶି ଗଠିତ- 'ସମ' ଓ 'ଧୀ' । 'ସମ' ଅର୍ଥାତ୍ ସମ୍ୟକ୍, ଏକ ହେବା ଏବଂ 'ଧୀ' ଅର୍ଥାତ୍ ବୁଦ୍ଧି, ପ୍ରଜ୍ଞା ।

ଏହିପରି ଭାବରେ 'ସମାଧି'ର ଅର୍ଥ ହେଉଛି ବୁଦ୍ଧି ଏକ ସମାନ ସ୍ତରରେ ରହିବା, ସମତ୍ୱର ସ୍ଥିତିରେ ରହିବା, ସମତା ବସ୍ଥାରେ ରହିବା, ସମଦର୍ଶୀ ହେବା, ସମଦୃଷ୍ଟି ରହିବା, ସ୍ଥିର ବୁଦ୍ଧି ରହିବା, ସ୍ଥିତପ୍ରଜ୍ଞ ହେବା ।

'ସମାଧି' ଶବ୍ଦର ଅର୍ଥ ସମ-ଅଧି ଅର୍ଥାତ୍ ଯେତେବେଳେ ଚିତ୍ତ ସମ୍ପୂର୍ଣ୍ଣ ରୂପେ ଆତ୍ମାରେ ସମାହିତ ହୋଇଯାଏ, ସେତେବେଳେ ଏହି ଅବସ୍ଥାକୁ ସମାଧି କୁହାଯାଏ । ଏଣୁ ଯୋଗ ଦୃଷ୍ଟିରୁ 'ସମାଧି' ଶବ୍ଦର ଅର୍ଥ - ସମ୍ୟକ୍ ରୂପେ ଭଗବାନଙ୍କ ସହିତ ଯୁକ୍ତ ହୋଇଯିବା । ଜୀବାତ୍ମାର ପରମାତ୍ମାଙ୍କ ସହିତ, ଜୀବର ବ୍ରହ୍ମଙ୍କ ସହିତ ଏକାକାର ହୋଇଯିବା ହିଁ ସମାଧି ଏବଂ ଏହି ସମାଧି ହିଁ ଯୋଗ କାରଣ 'ଯୋଗ' ଶବ୍ଦର ଉତ୍ପତ୍ତି 'ଯୁଜ' ଧାତୁରୁ ହୋଇଛି ଏବଂ 'ଯୁଜ' ଧାତୁର ଅର୍ଥ- ସମାଧି । ମହର୍ଷି ବେଦବ୍ୟାସ ମଧ କହିଛନ୍ତି– 'ଯୋଗଃ ସମାଧିଃ' ଅର୍ଥାତ୍ ଯୋଗ ହିଁ ସମାଧି । ଆଗ ଯଦି କୌଣସି ସାଧକ ସମାଧି ଅବସ୍ଥା ପ୍ରାପ୍ତ ହୋଇଥାଏ ତ ଏହାର ଅର୍ଥ ସାଧକ 'ସମ' ଅବସ୍ଥାରେ ଅଛି, 'ସମତ୍ୱ' ଅବସ୍ଥାରେ ଅଛି, ସମତାବସ୍ଥାରେ ଅଛି, ସାଧକ ସ୍ଥିତପ୍ରଜ୍ଞ, ସ୍ଥିରବୁଦ୍ଧିର ହୋଇଯାଇଛି । ସେ ସୁଖ–ଦୁଃଖ, ହର୍ଷ–ବିଷାଦ, ଶୁଭ-ଅଶୁଭ, ପାପ-ପୁଣ୍ୟ, ହାନି–ଲାଭ, ମାନ-ଅପମାନ ଆଦି ଦ୍ୱନ୍ଦରୁ ମୁକ୍ତ ଅଛି, ଉର୍ଦ୍ଧ୍ୱରେ ଅଛି । ସାଧକ ସମାଧିର ଅବସ୍ଥା ପ୍ରାପ୍ତ କରିଛି ଅର୍ଥ ସାଧକ ସମ୍ୟକ୍ ରୂପେ ଭଗବାନଙ୍କ ସହିତ ଯୁକ୍ତ ହୋଇଛି ।

ସେହି ସ୍ଥିତିର ସାଧକର କୌଣସି ପୃଥକ୍ ଅସ୍ତିତ୍ୱ ରହେ ନାହିଁ । ବ୍ରହ୍ମଙ୍କ ଠାରେ ସାଧକର ଅବସ୍ଥାନ ହୋଇଯାଏ । ଭଗବାନ ସତ୍-ଚିତ-ଆନନ୍ଦ ରୂପେ ସାଧକର ଅନ୍ତରରେ ପ୍ରସ୍ଫୁଟିତ ହୁଅନ୍ତି, ପ୍ରକଟ ହୁଅନ୍ତି । ଭଗବାନଙ୍କ ସତ୍ତା, ଚୈତନ୍ୟ ଓ ଆନନ୍ଦ ସ୍ୱତଃ ସାଧକର ବାଣୀ, ଭାବ ଓ କାର୍ଯ୍ୟ ଦ୍ୱାରା ପୂର୍ଣ୍ଣ ରୂପେ ପ୍ରସ୍ଫୁଟିତ ହୋଇଥାଏ, ପ୍ରକଟ ହୋଇଥାଏ ।

ନିଜର ଆତ୍ମାରେ ସତ୍-ଚିତ୍-ଆନନ୍ଦ ସ୍ୱରୂପ ବ୍ରହ୍ମଙ୍କର ଅନୁଭୂତି ପାଇ ସାଧକ ବ୍ରହ୍ମାନନ୍ଦ, ପରମାନନ୍ଦ, ନିତ୍ୟାନନ୍ଦରେ ସ୍ଥିତ ହୋଇଯାଏ । ଏହି ଅବସ୍ଥା ହିଁ ସମାଧି ଓ ଏହି ସମାଧି ହିଁ ଯୋଗ ହୋଇଥାଏ । ସମାଧି ଅବସ୍ଥାରେ ପ୍ରମାଣ, ବିପର୍ଯ୍ୟୟ, ବିକଳ୍ପ, ନିଦ୍ରା, ସ୍ମୃତି ଆଦି ଚିତ୍ତବୃତ୍ତିଗୁଡ଼ିକ ସମାପ୍ତ ହୋଇଯାଏ ।

ସମାଧିର ଅବସ୍ଥା ପାଇନେବା ପରେ ସାଧକ ଜୀବ ମାତ୍ରକୁ ଜୀବନ-ମରଣ ଓ ସଂସାର ଚକ୍ରରେ ଘୁରାଉଥିବା ମହାଦୁଃଖଦାୟକ ଅବିଦ୍ୟା, ଅସ୍ମିତା, ରାଗ, ଦ୍ୱେଷ ଓ ଅଭିନିବେଶ ଆଦି ପଞ୍ଚକ୍ଳେଶରୁ ମୁକ୍ତ ହୋଇଯାଏ ।

କର୍ମ-ସଂସ୍କାରଗୁଡ଼ିକରେ ଶୂନ୍ୟ ହୋଇ ସାଧକର ଚିତ୍ତ ନିର୍ମଳ ହୋଇଯାଏ । ସାଧକର ଶୁଦ୍ଧ, ନିର୍ମଳ ଚିତ୍ତ ଆତ୍ମାରେ ସମାହିତ ହୋଇଯାଏ ଏବଂ ସେତେବେଳେ ଜୀବାତ୍ମା ନିଜର ବାସ୍ତବିକ ଯଥାର୍ଥ ସ୍ୱରୂପକୁ ଚିହ୍ନିନିଏ ତଥା ସେଥିରେ ଅବସ୍ଥିତ ହୋଇଯାଏ । ଜୀବାତ୍ମାକୁ ପ୍ରକୃତି, ଦେହ, ମନ, ବୁଦ୍ଧି ଓ ଇନ୍ଦ୍ରିୟଗୁଡ଼ିକ ଠାରୁ ଭିନ୍ନ ହୋଇଯିବାର ଜ୍ଞାନ ପ୍ରାପ୍ତ ହୋଇଯାଏ ଏବଂ ଆତ୍ମାରେ ସତ୍-ଚିତ୍-ଆନନ୍ଦ ସ୍ୱରୂପ ପରମାତ୍ମାଙ୍କର ପ୍ରାକଟ୍ୟ ହୋଇଥାଏ । ଆତ୍ମା ଉପରୁ ଅବିଦ୍ୟା, ଅଜ୍ଞାନର ଆବରଣ ହଟିଯାଏ ଏବଂ ଆତ୍ମାର ପରମାତ୍ମାଙ୍କ ଠାରେ ଅବସ୍ଥାନ ହୋଇଯାଏ ।

ଯେପରି ବାଦଲର ଆବରଣରୁ ମୁକ୍ତ ହେବା ମାତ୍ରେ ସୂର୍ଯ୍ୟଙ୍କ ତେଜ ପ୍ରକଟ ହୋଇଯାଏ, ସେହିପରି ଅବିଦ୍ୟା, ଅଜ୍ଞାନର ଆବରଣ ହଟିବା ମାତ୍ରେ, ସମାପ୍ତ ହେବା ମାତ୍ରେ ଆତ୍ମା ନିଜର ଯଥାର୍ଥ ସ୍ୱରୂପକୁ ଚିହ୍ନି ପରମାତ୍ମାଙ୍କ ଠାରେ ସ୍ଥିତ ହୋଇଯାଏ । ଆତ୍ମାକୁ ପ୍ରକୃତି ଓ ପୁରୁଷ ପୃଥକ୍ ପୃଥକ୍ ହେବାର ଜ୍ଞାନ ହୋଇଯାଏ ।

ସାଧକ ସତ୍, ରଜ, ତମ ଆଦି ତ୍ରିଗୁଣାତ୍ମକ ପ୍ରକୃତିର ପ୍ରଭାବରୁ ଉର୍ଦ୍ଧ୍ୱକୁ ଚାଲିଯାଏ । ସେ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଆଦି ତନ୍ମାତ୍ରାଗୁଡ଼ିକର ପ୍ରଭାବରୁ ମଧ ଉର୍ଦ୍ଧ୍ୱକୁ ଚାଲିଯାଏ । ସେ ସୁଖ-ଦୁଃଖ, ହର୍ଷ-ବିଷାଦ, ମାନ- ଅପମାନ, ଶୁଭ-ଅଶୁଭ, ପାପ-ପୁଣ୍ୟ ଆଦି ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱକୁ ଉଠିଯାଏ ; କାରଣ ଏହି ଅବସ୍ଥାରେ ଯୋଗୀ ନିଜର ନିଜ ସ୍ୱରୂପ ସତ୍-ଚିତ୍-ଆନନ୍ଦରେ ସ୍ଥିତ ହୋଇଥାଏ ।

ସେଥିପାଇଁ ତ ଯୋଗୀର ଜୀବନରେ, ଯୋଗୀର ଅନ୍ତରତମରେ ଆନନ୍ଦ, ପରମାନନ୍ଦ, ବ୍ରହ୍ମାନନ୍ଦ ପ୍ରତିକ୍ଷଣ ବଡ଼ ଦ୍ରୁତ ବେଗରେ ପ୍ରବାହିତ ହୋଇଥାଏ । ଯୋଗୀ ବାହ୍ୟ ଦୃଷ୍ଟିରେ ସଂସାରକୁ ଦେଖିଥାଏ, କିନ୍ତୁ ବାସ୍ତବରେ ପ୍ରତିକ୍ଷଣ ବ୍ରାହ୍ମୀ ଭାବଦଶାରେ ରହିବା କାରଣରୁ ସଂସାର ତା' ଭିତରେ ରହେ ନାହିଁ, ବସେ ନାହିଁ । ସେ ତ ବ୍ରହ୍ମଲୋକର ନିବାସୀ ହୋଇଥାଏ । ତା'ର ଦେହ ସଂସାରରେ ଥାଏ, କିନ୍ତୁ ଦେହରେ ସ୍ଥିତ ତା'ର ଆତ୍ମା ପ୍ରତି ମୁହୂର୍ତ୍ତରେ ବ୍ରହ୍ମଙ୍କ ଠାରେ ଅବସ୍ଥିତ ହୋଇଥାଏ, ପ୍ରତିକ୍ଷଣ ବ୍ରହ୍ମଙ୍କ ମଧରେ ରମଣ କରିଥାଏ । ଏଣୁ - ସଂସାରରେ ଥାଇ ମଧ ସେ ସଂସାରୀ ହୋଇ ନଥାଏ । ସେଥିପାଇଁ ପ୍ରତିକ୍ଷଣ ତାକୁ ଆନନ୍ଦ ହିଁ ଆନନ୍ଦ ମିଳିଥାଏ ।

ଧାନ କରୁ କରୁ ଧାତାକୁ ଯେତେବେଳେ କେବଳ ଧେୟ ସ୍ୱରୂପର ହିଁ ଅନୁଭବ ହୋଇଥାଏ ଏବଂ ତାକୁ ନିଜ ସ୍ୱରୂପର ଅନୁଭବ ପ୍ରାୟ ହୁଏ ନାହିଁ, ସେତେବେଳେ ସେହି ଅବସ୍ଥା ହିଁ ସମାଧି ହୋଇଥାଏ । ଧାନ କରୁ କରୁ ଯେତେବେଳେ ଧାତାର ଚିତ୍ତ ଧେୟାକାରକୁ ପ୍ରାପ୍ତ ହୋଇଯାଏ ଏବଂ ଧେୟରୁ ଭିନ୍ନ ନିଜକୁ ନିଜର ଜ୍ଞାନ ରହେ ନାହିଁ, ସେତେବେଳେ ସେହି ସ୍ଥିତିକୁ ସମାଧିର ନାମ ଦିଆଯାଏ । ଧାନ ଓ ସମାଧି ମଧରେ ଅନ୍ତର କେବଳ ଏତିକି ଯେ ଧାନର ଅବସ୍ଥାରେ ଧାତା (ଯିଏ ଧାନ କରେ), ଧେୟ (ଯାହାର ଧାନ କରାଯାଏ) ତଥା ଧାନ ତିନିଟି ଯାକ ରହିଥାଏ, କିନ୍ତୁ ସମାଧିରେ ଧାତା ଓ ଧାନ ଉଭୟଙ୍କ ସ୍ୱରୂପ ଶୂନ୍ୟ ହୋଇଯାଏ ଏବଂ କେବଳ ଧେୟ ବସ୍ତୁ ହିଁ ରହିଯାଏ ।

ଯୋଗଋଷି ପତଞ୍ଜଳି ଯୋଗସୂତ୍ର (୩.୧-୨)ରେ ସ୍ପଷ୍ଟ କରି କହିଛନ୍ତି- 'ଯେଉଁଠି ଚିତ୍ତକୁ ଲଗାଯାଏ, ସେଥିରେ ଚିତ୍ତବୃତ୍ତି ଲଗାତାର ଚାଲିବା ହିଁ ଧାନ ଏବଂ ଯେତେବେଳେ ଧାନରେ କେବଳ ଧେୟ ମାତ୍ରର ପ୍ରତୀତି ହୋଇଥାଏ ଏବଂ ଚିତ୍ତର ନିଜସ୍ୱରୂପ ଶୂନ୍ୟ ପ୍ରାୟ ହୋଇଯାଏ, ସେତେବେଳେ ତାହା (ଧାନ) ହିଁ ସମାଧି ହୋଇଯାଏ ।

ଋଷିବରଙ୍କ କଥାର ତାତ୍ପର୍ଯ୍ୟ ହେଉଛି – ଧାନ କରୁ କରୁ ଯେବେ ଚିତ୍ତ ଧେୟ ବସ୍ତୁରେ ହିଁ ଲୀନ ହୋଇଯାଏ, ବିଲୀନ ହୋଇଯାଏ ଏବଂ କେବଳ ଧେୟ ମାତ୍ର ରହିଯାଏ, ସେତେବେଳେ ତାହାକୁ ହିଁ ସମାଧି କହନ୍ତି । ଧାନ କରୁ କରୁ ଧାତାକୁ ନିଜ ସ୍ୱରୂପର ଜ୍ଞାନର ଅଭାବ ହୋଇଯିବା ଅବସ୍ଥା ହିଁ ସମାଧି ହୋଇଥାଏ ।

ନିରନ୍ତର ପ୍ରବାହିତ ହେଉଥିବା ସରିତ ଯେତେ ବେଳେ ସାଗରରେ ଯାଇ ମିଶିଥାଏ ସେତେବେଳେ ତାହାର ସ୍ୱରୂପ କ'ଣ ବାକି ରହିପାରେ ନା ! ବିଲକୁଲ ନୁହେଁ । ସାଗରରେ ମିଶିବା ପୂର୍ବରୁ ସରିତର ନିଜର ଅସ୍ତିତ୍ୱ ଅବଶ୍ୟ ଥାଏ, କିନ୍ତୁ ସାଗରରେ ମିଶିବା ମାତ୍ରେ ତାହାର ନିଜର ସ୍ୱରୂପ ରହେ ନାହିଁ । କାହିଁକି ? କାରଣ ସାଗର ସହିତ ମିଶିବା ମାତ୍ରେ ସରିତ ହିଁ ସାଗର ହୋଇଯାଏ । ସରିତ ବି ସାଗର ସହିତ ମିଶି ସାଗର ହୋଇଯାଏ ।

ବ୍ରହ୍ମଙ୍କ ଧାନ କରୁ କରୁ ଧାତାର ଚିତ୍ତ ସେହି ଧେୟ ବସ୍ତୁ, ଅର୍ଥାତ୍ ବ୍ରହ୍ମଙ୍କ ଠାରେ ଲୀନ ହୋଇଯାଏ । ଧାତା ଓ ଧେୟ, ଉଭୟ ଏକ, ଅଭେଦ, ଅଭିନ୍ନ, ଅଦ୍ୱୈତ ହୋଇଯାଏ । ଜୀବାତ୍ମା ପରମାତ୍ମାଙ୍କ ସହିତ ମିଶିଯାଇ ପରମାତ୍ମାରୂପ ହୋଇଯାଏ । ତାହାର କାରଣ ଏହି ସ୍ଥିତିକୁ ପ୍ରକାଶିତ କରି ସନ୍ଥ କବୀର କହିଛନ୍ତି- ଲାଲୀ ମେରେ ଲାଲ କୀ ଜିତ ଦେଖୁଁ ତିତ ଲାଲ । ଲାଲୀ ଦେଖନ ମୈଁ ଗଈ ମୈଁ ଭୀ ହୋ ଗଈ ଲାଲ ।।

ସନ୍ଥ କବୀର ଏହି ଦୋହାରେ ନିଜ ଈଶ୍ୱରୀୟ ଅନୁଭୂତିର କଥା କହିଛନ୍ତି । ସେ କହିଛନ୍ତି- "ଯେବେ ଠାରୁ ମୁଁ ଈଶ୍ୱରଙ୍କ ଅନୁଭୂତି ପାଇଲି, ନିଜର ଲାଲ (ଈଶ୍ୱର)ଙ୍କ ଲାଲୀ (ଈଶ୍ୱରତ୍ୱ)ର ଅନୁଭୂତି ପାଇଲି, ସେବେ ଠାରୁ ମୁଁ ଯେଉଁଆଡ଼େ ବି ଦେଖୁଛି, ସେଇଆଡ଼େ ମୋର ଲାଲ (ଈଶ୍ୱର) ହିଁ ଦେଖାଯାଉଛନ୍ତି । ଗୋଟିଏ ଛୋଟ କଣିକାରେ, ଗୋଟିଏ ଛୋଟ ପିମ୍ପୁଡ଼ି ମଧରେ, ପ୍ରତ୍ୟେକ ଅଣୁରେ-ପରମାଣୁରେ, ପ୍ରତ୍ୟେକ ଜୀବ ମଧରେ ମୋତେ ମୋର ଲାଲ (ଈଶ୍ୱର) ହିଁ ଦେଖା ଯାଉଛନ୍ତି । ସର୍ବତ୍ର ତାଙ୍କର ହିଁ ବାସ ରହିଛି । ସ୍ୱୟଂ ମୋ ଭିତରେ ବି ଲାଲ(ଈଶ୍ୱର)ଙ୍କ ବାସ ଦେଖାଯାଉଛି ।

ସମାଧିରେ ପ୍ରାପ୍ତ ଈଶ୍ୱରୀୟ ଅନୁଭୂତିର ଫଳସ୍ୱରୂପ ସାଧକର ଜୀବନଦୃଷ୍ଟି ବିଲକୁଲ ବଦଳିଯିବା କଥା ସୁସ୍ପଷ୍ଟ । ତାକୁ ଏଇ ସାରା ସଂସାର, ବିଶ୍ୱବ୍ରହ୍ମାଣ୍ଡ ହିଁ ସେହି ଈଶ୍ୱରଙ୍କ ଦ୍ୱାରା ଓତପ୍ରୋତ ଜଣାପଡ଼େ । ଫଳସ୍ୱରୂପ ସେ ପ୍ରତ୍ୟେକ କର୍ମକୁ ଈଶ୍ୱରଙ୍କ କର୍ମ ମାନି ପୂଜା ଭାବରେ କରିଥାଏ । ସେ ନିଜକୁ ଅକର୍ତ୍ତା ଓ ଈଶ୍ୱରଙ୍କୁ ହିଁ କର୍ତ୍ତା ରୂପେ ଦେଖିଥାଏ ଏବଂ ନିଜକୁ ତ ସେ ଈଶ୍ୱରଙ୍କ ହାତର ଏକ ଉପକରଣ, ଏକ ଯନ୍ତ୍ର ମାତ୍ର ମାନିଥାଏ । ତା'ର ପ୍ରତ୍ୟେକ କର୍ମ ଅକର୍ମ ହୋଇଥାଏ, ନିଷ୍କାମ ହୋଇଥାଏ । ସେ ସବୁ ପ୍ରକାରେ ନିର୍ଦ୍ୱନ୍ଦ୍ୱ, ନିର୍ଭୟ ଓ ବନ୍ଧନମୁକ୍ତ ହୋଇଯାଏ ।

ସମାଧି ସ୍ଥିତିରେ ବ୍ରହ୍ମଙ୍କ ସହିତ ଏକାକାର ହୋଇଥିବା, ବ୍ରାହ୍ମୀ ସ୍ଥିତିକୁ ପ୍ରାପ୍ତ ହୋଇଥିବା ସାଧକ, ଯୋଗୀ ଯେଉଁ ବ୍ରହ୍ମଙ୍କର ଅନୁଭୂତି ନିଜ ଅନ୍ତଃକରଣରେ କରିଥାଏ, ସେ ସେହି ବ୍ରହ୍ମଙ୍କୁ ବାହାରେ ମଧ ବିଭିନ୍ନ ରୂପରେ ଦେଖୁଥାଏ । ସେ ବ୍ରହ୍ମଙ୍କୁ ବ୍ରହ୍ମାଣ୍ଡର କଣ କଣରେ ଅଭିବ୍ୟକ୍ତ ହେଉଥିବାର ଦେଖୁଥାଏ । ସାଧକର ଭିତର ଓ ବାହାର ଉଭୟର ସ୍ଥିତି ଏକ ପ୍ରକାର ହୋଇଯାଏ । କାରଣ ସାଧକ ବ୍ରହ୍ମଙ୍କ ସହିତ ଏକାକାର ହୋଇସାରିଥାଏ । ସାଧକର ଏହି ଭାବଦଶାକୁ ସନ୍ଥ କବୀର ପ୍ରସ୍ତୁତ ଦୋହାରେ କିଛି ଏହିପରି ପ୍ରକାଶିତ କରିଛନ୍ତି –

ଜଲ ମଁ କୁଂଭ, କୁଂଭ ମେଂ ଜଲ ହୈ, ବାହାର–ଭିତର ପାନୀ ।

ଫୁଟା କୁଂଭ ଜଲ, ଜଲହି ସମାନା, ଯହ ତଥ୍ୟ କହୟୋ ଗୟାନୀ ।

ଅର୍ଥାତ୍ ପାଣି ଭରିବାକୁ ଯିବା ବେଳେ ଘଡ଼ା ଜଳରେ ରହିଥାଏ ଏବଂ ଭରିବା ପରେ ଜଳ ଘଡ଼ା ଭିତରକୁ ଆସିଯାଏ । ଏହିପରି ଭାବରେ ଦେଖିଲେ ବାହାରେ – ଭିତରେ ପାଣି ରହିଥାଏ । ବାହାରେ-ଭିତରେ ପାଣିର ହିଁ ସତ୍ତା ରହିଛି । ଯେବେ ଘଡ଼ା ଫୁଟିଯାଏ ତ ତାହାର ଜଳ, ଜଳରେ ହିଁ ମିଶିଯାଏ, ତାପରେ ଘଡ଼ାର ଜଳ ଓ ସମୁଦ୍ରର ଜଳ ମଧରେ କୌଣସି ଭିନ୍ନତା ନ ଥାଏ । ଆତ୍ମା-ପରମାତ୍ମା ଉଭୟ ଏକ ହୋଇଯାନ୍ତି । ଆତ୍ମା ଓ ପରମାତ୍ମା ଉଭୟ ଦୁଇ ନୁହେଁ, ଏକ ହୋଇଯାନ୍ତି ।

ଆତ୍ମା, ପରମାତ୍ମାରେ ଓ ପରମାତ୍ମା, ଆତ୍ମାରେ ବିରାଜମାନ ହୋଇଥାନ୍ତି । ଶେଷରେ ପରମାତ୍ମାଙ୍କର ହିଁ ସତ୍ତା ରହିଥାଏ । ଯେବେ ଦେହ ବିଲୀନ ହୋଇଥାଏ ତ ଆତ୍ମା ପରମାତ୍ମାଙ୍କ ଅଂଶ ହେବା କାରଣରୁ ପରମାତ୍ମାଙ୍କ ମଧରେ ହିଁ ସମାହିତ ହୋଇଯାଏ, ଏକାକାର ହୋଇଯାଏ ।

ସମାଧି ଅବସ୍ଥାରେ ଜୀବାତ୍ମା ବ୍ରହ୍ମଙ୍କ ସହିତ ଏକାକାର ହୋଇଯାଏ । ତାହାର ଅଲଗା ସତ୍ତା, ଅଲଗା ଅସ୍ତିତ୍ୱ ରହେ ନାହିଁ, କିନ୍ତୁ ସମାଧିର ଏହି ଅଭୌତିକ, ଅଲୌକିକ, ଆଧାତ୍ମିକ ଓ ଅସାଧାରଣ ଘଟଣା ସାଧକର ଅନ୍ତରତମରେ ରାତାରାତି ଘଟିତ ହୋଇଯାଏ ନାହିଁ । ତାକୁ ଏଥିପାଇଁ ଧୈର୍ଯ୍ୟପୂର୍ବକ, ସଂଯମପୂର୍ବକ ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସର ସହିତ ଲକ୍ଷ୍ୟ ପ୍ରାପ୍ତ ହେବା ପର୍ଯ୍ୟନ୍ତ ନିୟମିତ ରୂପେ ଅବିରାମ ବ୍ରହ୍ମଙ୍କ ଚିନ୍ତନ, ବ୍ରହ୍ମଙ୍କ ଧାନ କରିବାକୁ ହୋଇଥାଏ ।

ତାପରେ ଯାଇ ସାଧକର ଚିତ୍ତ, ବୃତ୍ତିଗୁଡ଼ିକରୁ ମୁକ୍ତ ହୋଇପାରେ । ଚିତ୍ତ ମଳ, ବିକାର, ସଂସ୍କାର, ବାସନା ଗୁଡ଼ିକରୁ ମୁକ୍ତ ହୋଇପାରେ, ଅର୍ଥାତ୍ ଚିତ୍ତବୃତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ନିରୋଧ ହୋଇପାରେ । ଚିତ୍ତ ପୂର୍ଣ୍ଣତଃ ନିର୍ମଳ ହୋଇପାରେ ଓ ସେହି ନିର୍ମଳ ଚିତ୍ତ ବ୍ରହ୍ମଙ୍କ ଠାରେ ଲୀନ, ବିଲୀନ ହୋଇପାରେ ଏବଂ ତାପରେ ସଦାସର୍ବଦା ପାଇଁ ଆତ୍ମାର ପରମାତ୍ମାଙ୍କ ଠାରେ ଅବସ୍ଥାନ ହୋଇଯାଏ । ଜୀବକୁ ବ୍ରହ୍ମଙ୍କ ସହିତ ଏକତାର ଅନୁଭୂତି ହୋଇଥାଏ । ତାକୁ ବ୍ରହ୍ମଙ୍କର ପ୍ରାପ୍ତି ହୋଇଥାଏ । ସେଥିପାଇଁ ତ ଭଗବାନ ରାମ କହିଛନ୍ତି-

ନିର୍ମଲ ମନ ଜନ ସୋ ମୋହି ପାବା ।
ମୋହି କପଟ ଛଲ ଛିଦ୍ର ନ ଭାବା ।।

ଅର୍ଥାତ୍ ନିର୍ମଳ ମନର ମନୁଷ୍ୟ ମୋତେ ପାଇଥାଏ । ମୋତେ କପଟ ଓ ଛଳ-ଛିଦ୍ର ପସନ୍ଦ ଲାଗେ ନାହିଁ । ନିର୍ମଳ ଚିତ୍ତ ଅବସ୍ଥାରେ ହିଁ ସାଧକର ଅନ୍ତରତମରେ ସମାଧି ଘଟିତ ହୋଇଥାଏ ଏବଂ ତା'ର ଅନ୍ତରତମରେ ବ୍ରହ୍ମଜ୍ଞାନ ଓ ବ୍ରହ୍ମାନନ୍ଦ ପ୍ରସ୍ଫୁଟିତ ହୋଇଥାଏ ।

ଯୋଗ ରାଜଯୋଗ ହେଉ, ହଠଯୋଗ ହେଉ, ମନ୍ତ୍ରଯୋଗ ହେଉ, ଜ୍ଞାନଯୋଗ ହେଉ, କର୍ମଯୋଗ ହେଉ ବା ଭକ୍ତିଯୋଗ – ସବୁ ପ୍ରକାର ଯୋଗର ସମ୍ବନ୍ଧ ଚିତ୍ତବୃତ୍ତର ନିରୋଧ ସହିତ ରହିଛି । ଆମେ ଯେକୌଣସି ପ୍ରକାର ଯୋଗର ଅଭ୍ୟାସ ଦ୍ୱାରା ଚିତ୍ତର ବୃତ୍ତିଗୁଡ଼ିକର ନିରୋଧ କରି ପାରିବା । ସାଧାରଣ ଅବସ୍ଥାରେ ଚିତ୍ତବୃତ୍ତି ପ୍ରତିକ୍ଷଣ ପରିବର୍ତ୍ତିତ ହୋଇଥାଏ, କିନ୍ତୁ ସମାଧି ଅବସ୍ଥାରେ ଚିତ୍ତବୃତ୍ତି ଏକାକାର ହୋଇଯାଏ ।

ଏଇ ମନ, ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ବହିର୍ମୁଖ ହୋଇ, ବାହ୍ୟ ବିଷୟଗୁଡ଼ିକରେ ଆସକ୍ତ ରହିବା, ଚିତ୍ତବୃତ୍ତିଗୁଡ଼ିକ ବଦଳିବାର ମୁଖ୍ୟ କାରଣ ହୋଇଥାଏ । ସେଥିପାଇଁ ମନକୁ ବିବେକ ଓ ବୈରାଗ୍ୟ ଦ୍ୱାରା ଯମ-ନିୟମ, ପ୍ରାଣାୟାମ, ଧାନ, ଜ୍ଞାନ, କର୍ମ, ଭକ୍ତି ଦ୍ୱାରା ବାହ୍ୟ ବିଷୟଗୁଡ଼ିକରୁ ହଟାଇବାର ଅଭ୍ୟାସ କରୁଥିବା ଦରକାର ଏବଂ ଏହା ସହିତ ଶାସ୍ତ୍ରଗୁଡ଼ିକର ଶ୍ରବଣ ଓ ମନନର ଆବଶ୍ୟକତା ମଧ ଅପରିହାର୍ଯ୍ୟ ।

ଶାସ୍ତ୍ରଗୁଡ଼ିକର ସ୍ୱାଧାୟ, ଶ୍ରବଣ ଓ ମନନ ଯେତେ ଅଧିକ ହେବ, ସେତେ ଶୀଘ୍ର 'ବସ୍ତୁ'ର ବାସ୍ତବିକ ସ୍ୱରୂପର ଜ୍ଞାନ ହେବ । ଫଳରେ ସେତିକି ଦୃଢ଼ତାରେ ଚିତ୍ତ ବୃତ୍ତିଗୁଡ଼ିକର ନିରୋଧ ହେବ ଏବଂ ସମାଧିର ସେହି ଆନନ୍ଦଦାୟକ ଅବସ୍ଥା ଆମକୁ ପ୍ରାପ୍ତ ହୋଇ ପାରିବ ।

ସମାଧିର ଦୁଇଟି ଚରଣ ବା ସ୍ତର କଥା କୁହାଯାଇଛି- ସଂପ୍ରଜ୍ଞାତ ଓ ଅସଂପ୍ରଜ୍ଞାତ । ସଂପ୍ରଜ୍ଞାତ ସମାଧି ତାହାକୁ କହନ୍ତି, ଯେଉଁଥିରେ ବିତର୍କ, ବିଚାର, ଆନନ୍ଦ ଓ ଅସ୍ମିତାର ଭାବ ସଂଯୁକ୍ତ ହୋଇଥାଏ । ଯେହେତୁ ସଂପ୍ରଜ୍ଞାତ ସମାଧିରେ ଧେୟ ବିଷୟର ନିରନ୍ତର ଭିନ୍ନତା ରହିଥାଏ, ସେଥିପାଇଁ ଏହି ଭିନ୍ନତାର ଆଧାରରେ ସଂପ୍ରଜ୍ଞାତ ସମାଧି ଚାରି ପ୍ରକାରର ଥିବା କଥା କୁହାଯାଇଛି ।

ପ୍ରଥମ ହେଉଛି ସବିତର୍କ ସମାଧି । ଏହି ସମାଧରେ ସ୍ଥୂଳ ବିଷୟ ଉପରେ ଧାନ ଲଗାଯାଏ । ଉଦାହରଣ ସ୍ୱରୂପ ମୂର୍ତ୍ତି ଉପରେ ଧାନ ଲଗାଇବାକୁ ସବିତର୍କ ସମାଧି କୁହାଯାଇପାରେ । ଦ୍ୱିତୀୟରେ ସବିଚାର ସମାଧି । ଏଥିରେ ସୂକ୍ଷ୍ମ ବିଷୟରେ ଧାନ ଲଗାଯାଏ । ଏହି ସମାଧିରେ କେବେ କେବେ ତନ୍ମାତ୍ରା ମଧ ଧାନର ବିଷୟ ହୋଇଥାଏ ।

ସାନନ୍ଦ ସମାଧି, ସଂପ୍ରଜ୍ଞାତ ସମାଧିର ଏହା ତୃତୀୟ ପ୍ରକାର । ଏହି ସମାଧିରେ ଇନ୍ଦ୍ରିୟଗୁଡ଼ିକ ଧାନର ବିଷୟ ହୋଇଥାଏ । ଆମର ଇନ୍ଦ୍ରିୟଗୁଡ଼ିକର ସଂଖ୍ୟା ଏଗାରଟି– ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ଓ ମନ । ଏଗୁଡ଼ିକ ଉପରେ ଧାନ ଲଗାଯାଏ । ଇନ୍ଦ୍ରିୟଗୁଡ଼ିକର ଅନୁଭୂତି ଆନନ୍ଦଦାୟକ ହେବା କାରଣରୁ ଏହି ସମାଧିକୁ ସାନନ୍ଦ ସମାଧି କୁହାଯାଏ । ସଂପ୍ରଜ୍ଞାତ ସମାଧିର ଚତୁର୍ଥ ପ୍ରକାର ହେଉଛି, ସସ୍ମିତ ସମାଧି । ସମାଧି ଏହି ଅବସ୍ଥାରେ ଅହଂକାର ହିଁ ଧାନର ବିଷୟ ହୋଇଥାଏ । 'ଅହଂକାର'କୁ 'ଅସ୍ମିତା' କୁହାଯାଏ ।

ଏହି ସଂପ୍ରଜ୍ଞାତ ସମାଧି ପ୍ରକୃତରେ ବୈରାଗ୍ୟରେ ଧୋଇ ହୋଇଥିବା ଚିତ୍ତର ହିଁ ପରିଣତି । ସଂପ୍ରଜ୍ଞାତ ସମାଧିରେ ସମ୍ୟକ୍ ତର୍କ, ସମ୍ୟକ୍ ବିଚାରଣା, ଆନନ୍ଦର ଅବସ୍ଥା ଓ ଅସ୍ମିତାର ଅନୁଭବ ମିଶି ରହିଥାଏ । ଏହି ସମାଧିରେ ଚିତ୍ତ ଶୁଦ୍ଧ ତ ହୋଇଥାଏ, କିନ୍ତୁ ଚିତ୍ତରେ କର୍ମଗୁଡ଼ିକର ସଂସ୍କାରର ବୀଜ ଏବେ ମଧ ବାକି ରହିଥାଏ, କର୍ମ-ସଂସ୍କାରଗୁଡ଼ିକର ବୀଜ ଏବେ ମଧ ଥାଏ । ସେଥିପାଇଁ ଏହାକୁ ସବୀଜ ସମାଧି ବି କହନ୍ତି । ଏହି ସବୀଜ ସମାଧିକୁ ନିର୍ବୀଜ କରିବା ପାଇଁ ସମାଧିର ପରବର୍ତ୍ତୀ ଚରଣରେ ପ୍ରବେଶ କରିବାକୁ ହୋଇଥାଏ ।

**ଅବଶିଷ୍ଟାଂଶ ୩ମ ପୃଷ୍ଠାରେ**

# ସମାଧିରେ ବ୍ରହ୍ମାନନ୍ଦର... ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଯାହାକୁ ଅସଂପ୍ରଜ୍ଞାତ ବା ନିର୍ବୀଜ ସମାଧି କହନ୍ତି ।

ଅସଂପ୍ରଜ୍ଞାତ ସମାଧିରେ ସମସ୍ତ ମାନସିକ କ୍ରିୟାର ସମାପ୍ତି ହୋଇଯାଏ ଏବଂ ମନ କେବଳ ଅପ୍ରକଟ ସଂସ୍କାରଗୁଡ଼ିକୁ ଧାରଣ କରିଥାଏ । ସମାଧିର ପ୍ରଥମ ଚରଣ ଅର୍ଥାତ୍ ସଂପ୍ରଜ୍ଞାତ ସମାଧି 'ଶୁଚିତା' ହୋଇଥାଏ ଏବଂ ଦ୍ୱିତୀୟ ଚରଣ ଅର୍ଥାତ୍ ଅସଂପ୍ରଜ୍ଞାତ ସମାଧି 'ବିଲୀନତା' ହୋଇଥାଏ । ସମାଧିର ପ୍ରଥମ ଚରଣ ଅର୍ଥାତ୍ ସଂପ୍ରଜ୍ଞାତ ସମାଧିରେ ସାଧକ ମନର ସମସ୍ତ ଅଶୁଦ୍ଧି ତିରୋହିତ ହୋଇଯାଏ । ସମସ୍ତ ବିକାର ଓ ଦୁର୍ଗୁଣ ସମାପ୍ତ ହୋଇଯାଏ, କିନ୍ତୁ ଚିତ୍ତରେ କର୍ମ ସଂସ୍କାରଗୁଡ଼ିକର ବୀଜ ରହିଥାଏ । ସମାଧିର ଦ୍ୱିତୀୟ ଚରଣ ଅର୍ଥାତ୍ ଅସଂପ୍ରଜ୍ଞାତ ସମାଧିରେ କର୍ମ ସଂସ୍କାରଗୁଡ଼ିକର ବୀଜ ମଧ ନଷ୍ଟ ହୋଇଯାଏ ଏବଂ ଚିତ୍ତବୃତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ନିରୋଧ ହୋଇଯାଏ ।

ଅସଂପ୍ରଜ୍ଞାତ ସମାଧି ଅବସ୍ଥାରେ ଦୁର୍ଗୁଣ ଓ ସଗୁଣ ମଧ ସମାପ୍ତ ହୋଇଯାଏ । ଏପରିକି ସଗୁଣ ବା ଶୁଦ୍ଧ ଅବସ୍ଥାକୁ ଧାରଣ କରିଥିବା ମନ ମଧ ସମାପ୍ତ ହୋଇଯାଏ । ଏଣୁ ଏହା ହେଉଛି ଅ-ମନର ଅବସ୍ଥା । ମନର ଏହି ସମାପ୍ତି ହିଁ ପ୍ରକାରାନ୍ତରରେ ଦେହବୋଧର ସମାପ୍ତି । ଏହି ଅବସ୍ଥାରେ ଦେହ ପୃଥକ୍ ହେବାର ଅନୁଭବ ହୋଇଥାଏ । ଏହି ଅବସ୍ଥାରେ ଆତ୍ମା ନିଜର ଯଥାର୍ଥ ସ୍ୱରୂପକୁ ଚିହ୍ନିଯାଏ ଏବଂ ବିଭିନ୍ନ ବିଷୟରୁ ଆତ୍ମାର ସମ୍ପର୍କ ଛିନ୍ନ ହୋଇଯାଏ । ଏହା ହିଁ ମୋକ୍ଷର ଅବସ୍ଥା ।

ଆଚାର୍ଯ୍ୟ ଶଙ୍କର ବିବେକ ଚୂଡ଼ାମଣି (୩୫୪-୩୭୦)ରେ କହିଛନ୍ତି- ନିର୍ବିକଳ୍ପ ସମାଧି (ଅସଂପ୍ରଜ୍ଞାତ ସମାଧି) ଦ୍ୱାରା ଅଦ୍ୱୈତ ଆତ୍ମସ୍ୱରୂପର ସାକ୍ଷାତ୍କାର କରିନେଲେ ଅଜ୍ଞାନ ରୂପୀ ହୃଦୟ ଗ୍ରନ୍ଥିର ସର୍ବଥା ନାଶ ହୋଇଯାଏ । ଏକାଗ୍ରଚିତ୍ତରେ ନିରନ୍ତର ସତ୍ୟସ୍ୱରୂପ ବ୍ରହ୍ମରେ ସ୍ଥିତ ରହିବା ଦ୍ୱାରା ମନୁଷ୍ୟ ବ୍ରହ୍ମସ୍ୱରୂପ ହୋଇଯାଏ । ପରମାତ୍ମତତ୍ତ୍ୱ ଅତ୍ୟନ୍ତ ସୂକ୍ଷ୍ମ, ତାହାକୁ ସ୍ଥୂଳ ଦୃଷ୍ଟିରେ କେହି ବି ପ୍ରାପ୍ତ କରି ପାରିବେ ନାହିଁ, ସେଥିପାଇଁ ଅତି ଶୁଦ୍ଧ ବୁଦ୍ଧିର ସତ୍ପୁରୁଷମାନେ ତାହାକୁ ସମାଧି ଦ୍ୱାରା ଅତି ସୂକ୍ଷ୍ମବୃତ୍ତିରେ ଜାଣିବା ଉଚିତ ।

ଅଗ୍ନିରେ ଶୁଦ୍ଧ କରାଯାଇଥିବା ସୁନା ଯେପରି ସମ୍ପୂର୍ଣ୍ଣ ମଳକୁ ତ୍ୟାଗ କରି ନିଜର ସ୍ୱାଭାବିକ ସ୍ୱରୂପ ପ୍ରାପ୍ତ କରିନିଏ, ସେହିପରି ମନ ଧ୍ୟାନ ଦ୍ୱାରା ସତ୍, ରଜ, ତମ ରୂପୀ ମଳକୁ ତ୍ୟାଗ କରି ଆତ୍ମତତ୍ତ୍ୱକୁ ପ୍ରାପ୍ତ କରିନିଏ । ଯେତେବେଳେ ଦିନ-ରାତି ନିରନ୍ତର ଅଭ୍ୟାସ ଦ୍ୱାରା ମନ ପରିପକ୍ୱ ହୋଇ ବ୍ରହ୍ମରେ ଲୀନ ହୋଇଯାଏ, ସେହି ସମୟରେ ଅଦ୍ୱିତୀୟ ବ୍ରହ୍ମାନନ୍ଦ ରସର ଅନୁଭବ କରାଉଥିବା ସେହି ନିର୍ବିକଳ୍ପ ସମାଧି (ଅସଂପ୍ରଜ୍ଞାତ ସମାଧି) ସ୍ୱତଃ ସିଦ୍ଧ ହୋଇଯାଏ ।

ଏହି ନିର୍ବିକଳ୍ପ ସମାଧି (ଅସଂପ୍ରଜ୍ଞାତ ସମାଧି) ଦ୍ୱାରା ସମସ୍ତ ବାସନା-ଗ୍ରନ୍ଥିର ନାଶ ହୋଇଯାଏ ତଥା ବାସନାଗୁଡ଼ିକ ନାଶ ହେବା ଫଳରେ ସମ୍ପୂର୍ଣ୍ଣ କର୍ମଗୁଡ଼ିକର ବିନାଶ ହୋଇଯାଏ । ତାପରେ ବାହାର-ଭିତର ସର୍ବତ୍ର ବିନା ପ୍ରଯତ୍ନରେ ହିଁ ନିରନ୍ତର ଆତ୍ମସ୍ୱରୂପର ପୂର୍ତ୍ତିବାକୁ ଲାଗେ ।

ନିର୍ବିକଳ୍ପ ସମାଧି ଦ୍ୱାରା ନିଶ୍ଚୟ ବ୍ରହ୍ମତତ୍ତ୍ୱର ସ୍ପଷ୍ଟ ଜ୍ଞାନ ହୋଇଥାଏ ଏବଂ କୌଣସି ପ୍ରକାରେ ସେହି ବୋଧ ହୋଇ ପାରେ ନାହିଁ । କାରଣ ଅନ୍ୟ ଅବସ୍ଥାଗୁଡ଼ିକରେ ଚିତ୍ତବୃତ୍ତ ଚଞ୍ଚଳ ରହିବା ଯୋଗୁଁ ସେଥିରେ ଅନ୍ୟାନ୍ୟ ପ୍ରତୀତିଗୁଡ଼ିକ ବି ମିଶି ରହିଥାଏ । ତେଣୁକରି ସର୍ବଦା ଇନ୍ଦ୍ରିୟ ସଂଯମ ସହିତ ଶାନ୍ତ ମନରେ ବ୍ରହ୍ମଙ୍କ ଠାରେ ଚିତ୍ତକୁ ସ୍ଥିର କରି ଏବଂ ସଚ୍ଚିଦାନନ୍ଦ ବ୍ରହ୍ମଙ୍କ ସହିତ ନିଜର ଐକ୍ୟକୁ ଦେଖି ଅନାଦି ଅବିଦ୍ୟାରୁ ଉତ୍ପନ୍ନ ଅଜ୍ଞାନ ଅନ୍ଧକାରର ଧ୍ୱଂସ କରିଦେବା ଉଚିତ । ଏହା ଦ୍ୱାରା ଯୋଗୀକୁ ବ୍ରହ୍ମାନନ୍ଦ ରସର ଅବିଚଳ ଅନୁଭବ ହୋଇଥାଏ । ତା'ର ଚିତ୍ତରେ ସଚ୍ଚିଦାନନ୍ଦ ରସାନୁଭବର ବନ୍ୟା ମାଡ଼ି ଆସେ ।

ଗୀତାର ଦ୍ୱିତୀୟ ଅଧ୍ୟାୟର ୫୪ତମ ଶ୍ଳୋକରେ ଅର୍ଜୁନ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଛନ୍ତି – ''ହେ କେଶବ ! ସମାଧିରେ ସ୍ଥିତ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥିବା ସ୍ଥିରବୁଦ୍ଧି ଅର୍ଥାତ୍ ସମାଧିସ୍ଥ ପୁରୁଷର ଲକ୍ଷଣ କ'ଣ ? ସେହି ସ୍ଥିରବୁଦ୍ଧି ପୁରୁଷ କିପରି କହେ, କିପରି ବସେ ଓ କିପରି ଚାଲିଥାଏ ?

ଶ୍ରୀଭଗବାନ ତାଙ୍କର ଏହି ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି– 'ହେ ଅର୍ଜୁନ ! ଯେଉଁ ସମୟରେ ଏଇ ପୁରୁଷ ମନରେ ସ୍ଥିତ ସମ୍ପୂର୍ଣ୍ଣ କାମନାଗୁଡ଼ିକୁ ଭଲ ଭାବରେ ତ୍ୟାଗ କରିଦିଏ ଏବଂ ଆତ୍ମା ଦ୍ୱାରା ଆତ୍ମାରେ ସନ୍ତୁଷ୍ଟ ରହିଥାଏ, ସେହି ସମୟରେ ସେ ସ୍ଥିତପ୍ରଜ୍ଞ ବୋଲାଇଥାଏ । ଦୁଃଖ ମିଳିଲେ ଯାହାର ମନରେ ଉଦ୍‌ବେଗ ହୁଏ ନାହିଁ, ସୁଖ ପ୍ରାପ୍ତିରେ ଯିଏ ସର୍ବଥା ନିଃସ୍ପୃହ ଥାଏ ତଥା ଯାହାର ରାଗ, ଭୟ ଓ କ୍ରୋଧ ନଷ୍ଟ ହୋଇଯାଇଛି, ଏପରି ମୁନିଙ୍କୁ ସ୍ଥିରବୁଦ୍ଧି ଯୁକ୍ତ କୁହାଯାଏ । ଯେଉଁ ପୁରୁଷ ସର୍ବତ୍ର ସ୍ନେହରହିତ ହୋଇଥାଏ, ସେହି ଶୁଭ ବା ଅଶୁଭ ବସ୍ତୁକୁ ପ୍ରାପ୍ତ ହୋଇ ପ୍ରସନ୍ନ ହୁଏ ନାହିଁ କି ଦ୍ୱେଷ କରେ ନାହିଁ, ତା'ର ବୁଦ୍ଧି ସ୍ଥିର ହୋଇଥାଏ । କଇଁଛ ଯେପରି ସବୁ ଦିଗରୁ ନିଜର ଅଙ୍ଗଗୁଡ଼ିକୁ ସାଉଁଟି ନିଏ, ସେହିପରି ଯେତେବେଳେ ଏହି ପୁରୁଷ ଇନ୍ଦ୍ରିୟଗୁଡ଼ିକର ବିଷୟରୁ ଇନ୍ଦ୍ରିୟ ସବୁକୁ ସାଉଁଟି ନିଏ, ସେତେବେଳେ ତା'ର ବୁଦ୍ଧି ସ୍ଥିର ଥାଏ ବୋଲି ବୁଝିବାକୁ ହେବ । ଇନ୍ଦ୍ରିୟଗୁଡ଼ିକ ଦ୍ୱାରା ବିଷୟଗୁଡ଼ିକୁ ଗ୍ରହଣ କରୁ ନ ଥିବା ପୁରୁଷ ମଧ କେବଳ ବିଷୟରୁ ତ ନିବୃତ୍ତ ହୋଇଯାଏ, କିନ୍ତୁ ସେଗୁଡ଼ିକ ମଧରେ ଥିବା ଆସକ୍ତିରୁ ନିବୃତ୍ତ ହୋଇ ନଥାଏ । ତଥାପି ଏହି ସ୍ଥିତ ପ୍ରଜ୍ଞାପୁରୁଷଙ୍କ ଆସକ୍ତି ମଧ ପରମାତ୍ମାଙ୍କ ସାକ୍ଷାତ୍କାର କରି ନିବୃତ୍ତ ହୋଇଯାଏ ।

ଶ୍ରୀଭଗବାନ ଆଗକୁ କହିଛନ୍ତି- ''ହେ ଅର୍ଜୁନ ! ଏହି ପ୍ରମଥନ (ବିକ୍ଷୁବ୍ଧ) ସ୍ୱଭାବର ଇନ୍ଦ୍ରିୟଗୁଡ଼ିକ ଯତ୍ନ କରି ବୁଦ୍ଧିମାନ୍ ପୁରୁଷର ମନକୁ ମଧ ବଳପୂର୍ବକ ହରଣ କରି ନିଅନ୍ତି, ଯାହା କି ଆସକ୍ତି ନାଶ ନ ହେବାର କାରଣରୁ ହୋଇଥାଏ । ତେଣୁକରି ସାଧକ ସମସ୍ତ ଇନ୍ଦ୍ରିୟକୁ ବଶ କରି ସମାହିତ ଚିତ୍ତରେ ମୋର ପରାୟଣ ହୋଇ ଧ୍ୟାନରେ ବସ୍ କାରଣ ଯେଉଁ ପୁରୁଷର ଇନ୍ଦ୍ରିୟଗୁଡ଼ିକ ବଶରେ ଥାଏ, ତା'ର ବୁଦ୍ଧି ସ୍ଥିର ହୋଇପାରେ । ବିଷୟଗୁଡ଼ିକର ଚିନ୍ତନ କରୁଥିବା ପୁରୁଷର ସେହି ବିଷୟଗୁଡ଼ିକରେ ଆସକ୍ତି ହୋଇଯାଏ, ଆସକ୍ତି ଦ୍ୱାରା ସେହି ବିଷୟଗୁଡ଼ିକର କାମନା ଉତ୍ପନ୍ନ ହୋଇଥାଏ ଏବଂ କାମନାରେ ବିଘ୍ନ ଉପୁଜିଲେ କ୍ରୋଧ ଉତ୍ପନ୍ନ ହୋଇଥାଏ ।

ଭଗବାନ କୃଷ୍ଣ ଆଗକୁ କହିଛନ୍ତି – 'କ୍ରୋଧରୁ ଅତ୍ୟନ୍ତ ମୂଢ଼ଭାବ ଉତ୍ପନ୍ନ ହୋଇଯାଏ । ମୂଢ଼ ଭାବ ଯୋଗୁଁ ସ୍ମୃତିରେ ଭ୍ରମ ହୋଇଯାଏ । ସ୍ମୃତିରେ ଭ୍ରମ ହୋଇଯିବାରୁ ବୁଦ୍ଧି ଅର୍ଥାତ୍ ଜ୍ଞାନଶକ୍ତିର ନାଶ ହୋଇଯାଏ ଏବଂ ବୁଦ୍ଧି ନାଶ ହୋଇଗଲେ ସେହି ପୁରୁଷ ନିଜ ସ୍ଥିତିରୁ ପତିତ ହୋଇଯାଏ, କିନ୍ତୁ ଇନ୍ଦ୍ରିୟଗୁଡ଼ିକୁ ନିଜର ଅଧୀନ କରିଥିବା, ବଶରେ ରଖୁବା ଅନ୍ତଃକରଣ ଯୁକ୍ତ ସାଧକ, ରାଗ-ଦ୍ୱେଷରୁ ରହିତ ଇନ୍ଦ୍ରିୟଗୁଡ଼ିକ ଦ୍ୱାର ବିଷୟଗୁଡ଼ିକରେ ବିଚରଣ କରି ମଧ ଅନ୍ତଃକରଣର ପ୍ରସନ୍ନତା ପ୍ରାପ୍ତ କରିଥାଏ । ଅନ୍ତଃକରଣର ପ୍ରସନ୍ନତା ହେଲେ ତା'ର ସମସ୍ତ ଦୁଃଖର ଅଭାବ ହୋଇଯାଏ । ସେହି ପ୍ରସନ୍ନ ଚିତ୍ତଧାରୀ କର୍ମଯୋଗୀର ବୁଦ୍ଧି ଶୀଘ୍ର ସବୁ ଦିଗରୁ ହଟି ଏକମାତ୍ର ପରମାତ୍ମାଙ୍କ ମଧରେ ଉତ୍ତମ ରୂପେ ସ୍ଥିର ହୋଇଯାଏ ।

ହେ ମହାବାହୁ ! ସମସ୍ତ ପ୍ରାଣୀଙ୍କ ସକାଶେ ଯାହା ରାତି ସମାନ ଓ ଶୟନର ସମୟ ହୋଇଥାଏ, ସେହି ରାତିରେ ସ୍ଥିତପ୍ରଜ୍ଞ ଯୋଗୀ ନିତ୍ୟ ଜ୍ଞାନସ୍ୱରୂପ ପରମାନନ୍ଦଙ୍କ ପ୍ରାପ୍ତିରେ ଜାଗ୍ରତ ଥାଆନ୍ତି ଏବଂ ଯେଉଁ ନାଶବାନ୍ ସାଂସାରିକ ସୁଖର ପ୍ରାପ୍ତିରେ ସବୁ ପ୍ରାଣୀ ଜାଗ୍ରତ ଥାଆନ୍ତି, ପରମାତ୍ମାଙ୍କ ତତ୍ତ୍ୱକୁ ଜାଣିଥିବା ମୁନିଙ୍କ ସକାଶେ ତାହା ରାତ୍ରି ସମାନ ଶୟନର ସମୟ ହୋଇଥାଏ । ଯେପରି ବିଭିନ୍ନ ନଦୀର ଜଳ ସବୁ ଦିଗରୁ ପରିପୂର୍ଣ୍ଣ ଥିବା ଅଚଳ ପ୍ରତିଷ୍ଠା ଯୁକ୍ତ ସମୁଦ୍ରରେ, ସମୁଦ୍ରକୁ ବିଚଳିତ ନ କରି ସେଥିରେ ସମାହିତ ହୋଇଯାନ୍ତି, ସେହିପରି ସମସ୍ତ ଭୋଗ ଯେଉଁ ସ୍ଥିତପ୍ରଜ୍ଞ ପୁରୁଷ ମଧରେ କୌଣସି ପ୍ରକାର ବିକାର ଉତ୍ପନ୍ନ ନ କରି ସମାହିତ ହୋଇଯାଏ, ସେହି ପୁରୁଷ ହିଁ ପରମ ଶାନ୍ତି ପାଇଥାଏ, ଭୋଗଗୁଡ଼ିକର ଇଚ୍ଛା କରୁଥିବା ପୁରୁଷ ନୁହେଁ ।'

ଭଗବାନ କୃଷ୍ଣ ଆଗକୁ କହିଛନ୍ତି– 'ଯେଉଁ ପୁରୁଷ ସମସ୍ତ କାମନାକୁ ତ୍ୟାଗ କରି ମମତା ରହିତ, ଅହଂକାର ରହିତ ଓ ସ୍ପୃହା ରହିତ ହୋଇ ବିଚରଣ କରିଥାଏ, ସେ ଶାନ୍ତିକୁ ପ୍ରାପ୍ତ ହୋଇଥାଏ, ଅର୍ଥାତ୍ ସେ ଶାନ୍ତକୁ ପ୍ରାପ୍ତ ହୋଇଛି । ହେ ଅର୍ଜୁନ ! ଏହା ବ୍ରହ୍ମଙ୍କୁ ପ୍ରାପ୍ତ କରିଥିବା ପୁରୁଷର, ସାଧକର ହିଁ ସ୍ଥିତି ଅଟେ । ସେଥିପାଇଁ ବ୍ରହ୍ମଙ୍କୁ ପ୍ରାପ୍ତ, ସମାଧିକୁ ପ୍ରାପ୍ତ ହୋଇ ଯୋଗୀ କେବେହେଲେ ମୋହିତ ହୁଏ ନାହିଁ ଏବଂ ଅନ୍ତକାଳରେ ମଧ ଏହି ବ୍ରାହ୍ମୀ ସ୍ଥିତିରେ ସ୍ଥିତ ହୋଇ ବ୍ରହ୍ମାନନ୍ଦଙ୍କୁ ପ୍ରାପ୍ତ ହୋଇଯାଏ ।

ବାସ୍ତବରେ ସମାଧିକୁ ଉପଲବ୍ଧ କରିଥିବା ସାଧକର ଅନ୍ତଃକରଣରେ ଏଭଳି ପରମ ଆନନ୍ଦ, ପରମ ପୁଲକନ, ପରମ ଅନୁଭୂତି ଥାଏ, ଯାହା ଅବର୍ଣ୍ଣନୀୟ । ସେହି ସାଧକ ସେହି ଆନନ୍ଦଦାୟକ ଅନୁଭୂତିରେ ବଞ୍ଚିଥାଏ, ଶୋଇଥାଏ, ଖାଇଥାଏ, ଖେଳିଥାଏ, ହସିଥାଏ, କାନ୍ଦିଥାଏ, ଉଠିଥାଏ, ବସିଥାଏ, ଦୌଡ଼ିଥାଏ, ଚାଲିଥାଏ । ସେ ଯେଉଁଠି ରହିଲେ ବି, ଯେଉଁ କାର୍ଯ୍ୟ କରୁଥିଲେ ବି, ସେହି ଅନୁଭୂତିରେ ହିଁ ରହିଥାଏ ।

'ବାହ୍ୟ ଦୃଷ୍ଟିରୁ ତ ସେ ସାଧାରଣ, ସାମାନ୍ୟ ଦେଖାଯାଏ, କିନ୍ତୁ ନିଜର ଅନ୍ତଃକରଣରେ ସେ ସେହି ବ୍ରାହ୍ମୀ ଆନନ୍ଦ, ପରମ ପୁଲକନ, ପରମ ଶାନ୍ତି, ପରମ ସୁଖର ଅନୁଭୂତି କରିଥାଏ, ପାଇଥାଏ । ସେ ଆଖି ଖୋଲି ବସିଥାଉ ବା ବନ୍ଦ କରି ବସିଥାଉ, ସେ ଦୌଡୁଥାଉ ବା ବସିଥାଉ, ସେ ଚାଲୁଥାଉ, ଖେଳୁଥାଉ ବା ନାଚୁଥାଉ, ସେ ସୁଖାସନ ବା ପଦ୍ମାସନରେ ଥାଉ କି ନ ଥାଉ, ସେ ଦୌଡୁଥିବା ଓ ଚାଲୁଥିବା, ଖାଉଥିବା ଓ ଖେଳୁଥିବା ସମୟରେ ବି ସେହି ବ୍ରାହ୍ମୀ ଭାବଦଶାରେ ଥାଏ, ଆନନ୍ଦରେ ଥାଏ, ପୁଲକନରେ ଥାଏ ।

ସମାଧି ପ୍ରାପ୍ତ ସାଧକର ସେହି ବ୍ରାହ୍ମୀ ଭାବଦଶାକୁ ପ୍ରସ୍ତୁତ ଦୋହାରେ ପ୍ରକାଶିତ କରି ସନ୍ଥ – କବୀର ଦାସ କହୁଛନ୍ତି ହେ ସନ୍ଥଗଣ ସହଜ ସମାଧି ହିଁ ଉତ୍ତମ । ଯେବେଠାରୁ ସାଇଁ (ବ୍ରହ୍ମ)ଙ୍କ ସହିତ ମିଳନ ହୋଇଗଲା, ସେବେଠାରୁ ଅନ୍ୟ କାହା ପ୍ରତି ନିଷ୍ଠା ରଖି ନାହିଁ । ମୁଁ ଆଖି କି କାନ ବନ୍ଦ କରୁ ନାହିଁ, ଶରୀରକୁ କଷ୍ଟ ମଧ ଦେଉ ନାହିଁ । ମୁଁ ତ ଖୋଲା ଆଖିରେ ହସି ହସି ସେହି ସାଇଁ (ବ୍ରହ୍ମ)ଙ୍କର ସୁନ୍ଦର ରୂପ ଦେଖୁଛି । ମୁଁ ଯାହା କିଛି କରୁଛି, ତାହା ହିଁ ସାଇଁଙ୍କର ନାମ ଓ ଯାହା କିଛି ଶୁଣୁଛି ତାହା ହିଁ ସାଇଁଙ୍କର ସ୍ମରଣ ଅଟେ । ମୁଁ ଯାହା କିଛି କରୁଛି ତାହା ହିଁ ପୂଜା । ମୋ ପାଇଁ ଘର ଓ ଉଦ୍ୟାନ ସବୁ ସମାନ । ମୋ ପାଇଁ ସେଗୁଡ଼ିକରେ କୌଣସି ଅନ୍ତର ନାହିଁ । ମୁଁ ଯେଉଁଆଡ଼େ ବି ଯିବି, ତାହା ମୋ ପାଇଁ ପରିକ୍ରମା ଏବଂ ଯାହା କିଛି କରିବି, ତାହା ସାଇଁଙ୍କର ସେବା । ଯେତେବେଳେ ମୁଁ ଶୁଏ, ତାହା ହିଁ ମୋର ଦଣ୍ଡବତ ହୋଇଥାଏ । ମୁଁ ସାଇଁଙ୍କ ବ୍ୟତୀତ ଅନ୍ୟ କାହାର ପୂଜା କରେ ନାହିଁ । ମୋର ମନ ତ ନିରନ୍ତର ସେହି ସାଇଁ (ବ୍ରହ୍ମ)ଙ୍କର ଗୀତ ଗାଇଥାଏ । ଉଠିବା-ବସିବା ବେଳେ ତାଙ୍କର (ବ୍ରହ୍ମଙ୍କର) ସ୍ମରଣ ମୋର ତାଜା ରହିଥାଏ ଏବଂ ଏହି ଭାଗର କ୍ରମ କେବେ ଭାଙ୍ଗିପାରେ ନାହିଁ । କବୀର କହିଛନ୍ତି ଯେ ମୋର ହୃଦୟରେ ଯେଉଁ ଉନ୍ମାଦ ଥିଲା, ତାହାକୁ ମୁଁ ପ୍ରକଟ କରିଦେଇଛି । ମୁଁ ପରମ ସୁଖର ସେହି ଅବସ୍ଥାରେ ପହଞ୍ଚି ଯାଇଛି, ଯାହା ସୁଖ ଓ ଦୁଃଖ ଉଭୟର ଊର୍ଦ୍ଧ୍ୱରେ ।

ଏଣୁ ସମାଧି ସୁଖ-ଦୁଃଖର ଊର୍ଦ୍ଧ୍ୱରେ ପରମ ସୁଖର ଅବସ୍ଥା, ପରମାନନ୍ଦର ଅବସ୍ଥା ରହିଛି । ନିର୍ଦ୍ଦିଷ୍ଟ ସମୟ, ନିର୍ଦ୍ଦିଷ୍ଟ ସ୍ଥାନ, ନିୟମିତ ସାଧନା ଓ ସାତ୍ତ୍ୱିକ ଆହାର- ବିହାର ତଥା ସଂଯମ ପାଳନ କରି ଯେକୌଣସି ସାଧକ ଏହି ପରମ ଆନନ୍ଦ, ପରମ ସୁଖର ଅବସ୍ଥା ପ୍ରାପ୍ତ କରିପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ।

## ପିଜୁଳିର ଉପଯୋଗିତା

**ପି**ଜୁଳି ଏମିତି ଏକ ଫଳ ଅଟେ ଯାହା ପାଚନକ୍ରିୟା ପାଇଁ ବହୁତ ଲାଭପ୍ରଦ ହୋଇଥାଏ । ଥଣ୍ଡା ଦିନରେ ଏହି ପିଜୁଳି ଖାଇବାରେ ବହୁତ ଲାଭ ହୋଇଥାଏ । ଯଦି ଆପଣଙ୍କ ଦାନ୍ତରେ ଯନ୍ତ୍ରଣା ଅନୁଭବ ହୋଇଥାଏ ତାହା ହେଲେ ପିଜୁଳି ପତ୍ର ଦ୍ୱାରା ଏହାର ଯନ୍ତ୍ରଣାକୁ କମ୍ କରାଯାଇ ପାରିବ । ପିଜୁଳି ଡାଇବେଟିସ୍ ଏବଂ ମଧୁମେହ ରୋଗୀଙ୍କ ପାଇଁ ଲାଭପ୍ରଦ ଅଟେ । ଯଦି ଥାଇରଏଡର ସ୍ତର ବଢ଼ିଥାଏ ତେବେ ଏହି ପିଜୁଳିକୁ ଖାଇବା ଲାଭପ୍ରଦ ଅଟେ । ପିଜୁଳିରେ ଭିଟାମିନ୍ ସି ହେବାର କାରଣ ଏହା ଶରୀରର ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ । ପିଜୁଳି ଖାଇବା ଦ୍ୱାରା ହଜମଶକ୍ତି ଠିକ୍ ଭାବରେ ରହିଥାଏ । ପିଜୁଳି ଖାଇବା ଦ୍ୱାରା ଦାନ୍ତ ସୁସ୍ଥ ରହିଥାଏ ଏବଂ ଦାନ୍ତରେ ଯନ୍ତ୍ରଣା ହୋଇ ନ ଥାଏ । ଏହା ସଙ୍ଗେ ମୁହଁ ସତେଜ ମଧ ରହିଥାଏ ।



## ଆଜିର ଚିନ୍ତନ


**ଭ**ଲ ଭାବେ ବିଚାର ନ କରି କୌଣସି କାର୍ଯ୍ୟ କରିବ ନାହିଁ । ବିଚାର କରି ସାରିବା ପରେ ଉପଯୁକ୍ତ ମଣିଲେ, ସେ କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ କରିବ ନାହିଁ । କାର୍ଯ୍ୟ ଆରମ୍ଭ କରିବା ପରେ ମଝିରେ ବନ୍ଦ କରିବ ନାହିଁ । କାର୍ଯ୍ୟ ଶେଷ କରିବା ପର୍ଯ୍ୟନ୍ତ କର୍ମତତ୍ପର ରହିବ । ନୀଚଲୋକ ବା ନିମ୍ନଶ୍ରେଣୀର ଲୋକେ କାର୍ଯ୍ୟରେ ବିଘ୍ନ ଘଟିଯିବ ଭାବି କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ । ମଧ୍ୟମ ବର୍ଗର ଲୋକେ କାର୍ଯ୍ୟ ମଧରେ ବିଘ୍ନ ଘଟିଲେ ଓ କର୍ମ ଅଧାରୁ ଛାଡ଼ି ଦିଅନ୍ତି କିନ୍ତୁ ଉତ୍ତମ ବର୍ଗର ଲୋକେ ବାରମ୍ବାର ବିଘ୍ନର ସମ୍ମୁଖୀନ ହେଲେ ମଧ ଆରମ୍ଭ କରିଥିବା କାର୍ଯ୍ୟକୁ ମଝିରେ ବନ୍ଦ ନକରି ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାରେ ଲାଗି ରହନ୍ତି । ଏ ପରିପ୍ରେକ୍ଷୀରେ ଶାସ୍ତ୍ର ବଚନ ହେଉଛି 'ପ୍ରାରଭ୍ୟତେ ନ ଖଲୁ ବିଘ୍ନ ଭୟେନ ନୀଚୈଃ ପ୍ରାରଭ୍ୟ ବିଘ୍ନଭିହତା ବିରମନ୍ତି ମଧାଃ, ବିଘ୍ନୈଃ ପୁନଃ ପୁନରପି ପ୍ରତିହନ୍ୟମାନା ପ୍ରାରଭ୍ୟ ଉତ୍ତମ 'ଗୁଣା ନ ପରିତ୍ୟଜନ୍ତି'' । ଉତ୍ତମ ବର୍ଗର ଲୋକେ ବିଚାର ନ କରି କାର୍ଯ୍ୟ ଆରମ୍ଭ କରନ୍ତି ନାହିଁ । ଥରେ କର୍ମାରମ୍ଭ କରିଦେଲେ ଶେଷ ନ କରିବା ପର୍ଯ୍ୟନ୍ତ କାର୍ଯ୍ୟରୁ ବିରତ ରହନ୍ତି ନାହିଁ । 'ଅସମୀକ୍ଷ୍ୟ ନ କର୍ତ୍ତବ୍ୟଂ କର୍ତ୍ତବ୍ୟଂ ସୁସମୀକ୍ଷିତମ୍ । ସଂସାରର ସବୁ ନାଟ ପେଟ ପାଇଁ, ପେଟ ପାଇଁ ମନୁଷ୍ୟ କ'ଣ ନା କ'ଣ କରିଚାଲେ । ଏ ପେଟକୁ ସନ୍ତୁଷ୍ଟ କରିବା ବଡ଼ କଷ୍ଟ । ଯେତେ ଦେଲେ ମଧ ପେଟ ସନ୍ତୁଷ୍ଟ ହୁଏ ନାହିଁ । ତେଣୁ କୁହାଯାଇଛି, ଅସ୍ୟ ପାପୋଦରସ୍ୟାର୍ଥେ କିମନାଟି ନ ନାଟକମ୍ । ସଂସାରର ଶ୍ରେଷ୍ଠ ଧର୍ମ ହେଉଛି ଅହିଂସା, ଜୀବହିଂସାଠାରୁ ବଡ ପାପ ଆଉକିଛି ନାହିଁ । ତେଣୁ କୁହାଯାଇଛି, 'ଅହିଂସା ପରମୋଧର୍ମଃ । ବିପଦରେ ଧୈର୍ଯ୍ୟ ଧରିବା ଉତ୍ତମ ଗୁଣ ସଂପନ୍ନ ବ୍ୟକ୍ତିମାନଙ୍କର ସ୍ୱଭାବ । ଧୈର୍ଯ୍ୟହରା ହେଲେ ବିପଦ ଆସିବା ପୂର୍ବରୁ ମନୁଷ୍ୟ ମରିଯାଇଥାଏ । ବିପଦକୁ ନ ଡ଼ରି ବିପଦ ଆସିଲେ ଉପଯୁକ୍ତ ପ୍ରତିକାର କରିବା ଉତ୍ତମ ବର୍ଗର ମନୁଷ୍ୟଙ୍କ କର୍ତ୍ତବ୍ୟ । ପ୍ରତ୍ୟେକ ବିପଦ ପାଇଁ ପ୍ରତିକାର ଅଛି । ''ଆଗତଂ ତୁ ଭୟଂ ବୀକ୍ଷ୍ୟ ପ୍ରତିକୁର୍ଯ୍ୟାତ୍ ଯଥୋଚିତମ୍' । ପ୍ରତିକାର କଲେ ଆସିଥିବା ବିପଦ ଟଳିଯାଏ । ଛାନିଆ ହେଲେ ବିପଦ ମାଡ଼ି ଆସେ । ଗୁରୁଙ୍କର ଆଜ୍ଞା ପାଳନୀୟ, ଗୁରୁ ଆଜ୍ଞା ଦେଲେ ସେ କାର୍ଯ୍ୟ କରିବାକୁ ହେବ । ଗୁରୁ ଆଜ୍ଞା ପାଳନରେ ବିଚାର କରିବାର କିଛିନାହିଁ । ''ଆଜ୍ଞା ଗୁରୁଣା ହ୍ୟବିଚାରଣୀୟା'' । ସମସ୍ତ ଜୀବ ଶରୀର ମଧରେ ଆତ୍ମା ବିଦ୍ୟମାନ, ଶରୀର କ୍ଷଣିକ, ଆତ୍ମା ଚିରନ୍ତନ । 'ସକଳ ଘଟେ ନାରାୟଣ, ବସନ୍ତ ଅନାଦି କାରଣ' । ଆମେ ଆଉ ଜଣକୁ କଥାରେ ହେଉ ବା ଅପମାନ ହେଉ ବା ଆଘାତ ଦେଉ, ତେବେ ଆମେ ଭାବିବାକୁ ହେବ, ଯାହାଙ୍କୁ ଅତ୍ୟାଚାର କରୁ ତାଙ୍କ ଦେହରେ ଥିବା ଆତ୍ମା, ପରମାତ୍ମା ଆମ ପ୍ରତି ଅସନ୍ତୁଷ୍ଟ ହେବେ, ଆମର ଅନିଷ୍ଟ ଘଟିବ ହିଁ ଘଟିବ । ଆମକୁ ଯାହା ଭଲ ଲାଗୁନି, ଅନ୍ୟପ୍ରତି ଆମେ ତାହା କରିବା ଅନୁଚିତ । ଯେଉଁ ବ୍ୟବହାର ଆମେ ସହି ପାରୁନାହୁଁ, ସେହି ବ୍ୟବହାର ଅନ୍ୟକୁ କରିବା ଉଚିତ ନୁହେଁ । ଆମେ ସମସ୍ତଙ୍କ ପ୍ରତି ସହାନୁଭୂତିଶୀଳ ବିଶେଷକରି ସହାନୁଭୂତିଶୀଳ ହେବା ଆବଶ୍ୟକ । ତେଣୁ ଶାସ୍ତ୍ରବଚନ ହେଉଛି, 'ଆତ୍ମନଃ ପ୍ରତିକୂଳାନି ପରେଷାଂ ନ ସମାଚରେତ' ।

ବର୍ଷ ୨୮, ସଂଖ୍ୟା - ୭, ୧୮ - ୨୪ ଫେବୃଆରୀ ୨୦୨୪

# ନିର୍ବାଚନ ପୂର୍ବରୁ ଉପହାର ବର୍ଷା

**ଭ**ତ୍ତା ଦୁଇ ଗୁଣ ବଢ଼ିଲା । ମମତା ଟଙ୍କା ବି ଡବଲ୍ । ୫ ହଜାର ପାଉଥିଲେ, ଏବେ ୧୦ ହଜାର । ଏପଟେ କଳାକାର, ବୁଣାକାର ସବୁ ଖୁସ୍ । ଉପହାର ପରେ ଉପହାର । ବିଜୁଳି ବେଗରେ ଭୋଟରଙ୍କ ପାଇଁ ଉପହାର ବର୍ଷା କରି ଚାଲିଛନ୍ତି ସରକାର । ୫ ଦିନ ଭିତରେ ୮ଟି ଏମିତି ବଡ଼ ଘୋଷଣା ହୋଇଛି, ଭୋଟର ପୂରା ଖୁସ୍ । ଗୋଟିଏ ଘୋଷଣାକୁ ଖୁସି ମନାଇବା ଆଗରୁ ଆଉ ଗୋଟିଏ ପହଞ୍ଚିଯାଉଛି । ହଠାତ୍ ଏମିତି ଉପହାର ବର୍ଷାରେ ଲୋକେ ବି ତାଜୁବ । କ'ଣ ହେଲା ? ମନରେ ପ୍ରବଳ ଉତ୍ସାହ ଆଉ ଉତ୍କଣ୍ଠା । ରାତି ପାହିଲେ ପୁଣି କେଉଁ ନୂଆ ଉପହାର ଧରି ସରକାର ଆସିବେ, ତାହାକୁ ନେଇ ପ୍ରବଳ ଚର୍ଚ୍ଚା ଓ ଆକଳନ । ଲୋକେ ଅନେଇ ରହୁଛନ୍ତି ସକାଳୁ ସନ୍ଧ୍ୟା ଯାଏଁ, ନିର୍ବାଚନୀ ଥାଳିରେ ସରକାର ଆଜି କ'ଣ ପରସିବେ । ଗୋଟିଏ ପରେ ଗୋଟିଏ ବର୍ଗଙ୍କୁ ଖୁସି କରାଇବାକୁ ସରକାର ଯେଉଁଭଳି ବଡ ବଡ଼ ଘୋଷଣା କରି ଉପହାର ଦେଇ ଚାଲିଛନ୍ତି, ଅନ୍ୟମାନଙ୍କ ଭିତରେ ଆଶା ବଢ଼ିଛି । ଯେଉଁମାନେ ଦୀର୍ଘଦିନରୁ ବିଭିନ୍ନ ଦାବି ଧରି ବସିଛନ୍ତି, ସେମାନଙ୍କ ମଧ୍ୟରେ ଦାବି ପୂରଣ ନେଇ ଆଶା ବଢ଼ିଯାଇଛି । ରାଜନୈତିକ ମହଲରେ ଚର୍ଚ୍ଚା-ଆସିଗଲା ନିର୍ବାଚନ ଋତୁ । ମୁଣ୍ଡ ଉପରେ ଭୋଟ । ନିର୍ବାଚନ ଘୋଷଣା ପୂର୍ବରୁ ଭୋଟରଙ୍କ ମନ ଜିଣିବାକୁ ସରକାର ଯେମିତି ଭଣ୍ଡାର ଖୋଲି ଦେଇଛନ୍ତି । ନିର୍ବାଚନ ଯେତେ ପାଖେଇ ଆସୁଛି, ଯୋଜନା ସେହି ହାରରେ ବର୍ଷିବାରେ ଲାଗିଛି । ଗତ ସପ୍ତାହରେ ୫ ଦିନ ଭିତରେ ରାଜ୍ୟ ସରକାର ୮ଟି ଯୁଗାନ୍ତକାରୀ ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ଏଭଳି ଉପହାର ବର୍ଷାରେ ବିରୋଧୀ ଦଳ ମଧ୍ୟ ଚକିତ । ସରକାରଙ୍କ ଏଭଳି ମାରାଥନ ନିର୍ବାଚନୀ ଭେଟିକୁ କେମିତି ମାତ୍ ଦେବେ, ବିରୋଧୀ ଦଳ ବୁଝି ପାରୁନାହାନ୍ତି । ସରକାର ଯେଉଁ ସବୁ ବଡ଼ ଘୋଷଣା କରିଛନ୍ତି, ସେଥିରେ ସିଧାସଳଖ ଫାଇଦା ପହଞ୍ଚିବ ଭୋଟରଙ୍କ ବ୍ୟାଙ୍କ ଆକାଉଣ୍ଟରେ । ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧିରୁ ଛାତ୍ର ବୃତ୍ତି ଓ ମମତା ଯାଏଁ, କଳାକାର ଓ ବୁଣାକାରଙ୍କୁ ଆର୍ଥିକ ସହାୟତା ରାଶି ବୃଦ୍ଧି ନେଇ ମଧ ବଡ଼ ନିଷ୍ପତ୍ତି ନିଆଯାଇଛି । ସବୁ ବର୍ଗଙ୍କ ମନ ଖୁସ୍ କରିବାକୁ ରାଜ୍ୟ ସରକାର ଏଭଳି - ଉପହାର ବର୍ଷା କରି ଚାଲିଛନ୍ତି । ଯା' ଭିତରେ ବିଜୁଳି ଦର ବି କମିଛି । ଆଗକୁ ଆହୁରି ଅନେକ ବଡ଼ବଡ଼ ଘୋଷଣା ହୋଇପାରେ । ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମଙ୍କ ମାସିକ ଭତ୍ତା ରାଶି ବୃଦ୍ଧି କରିବାକୁ । ବିଧାନସଭା ଅଧିବେଶନର ଶେଷ ଦିନରେ ବି ବିଧାୟକମାନେ ଏ ନେଇ ଦାବି ଉଠାଇଥିଲେ । ସରକାର ଶୁଣିଲେ ହିତାଧିକାରୀଙ୍କ ଦୁଃଖ । ଗତ ଶନିବାର ଭତ୍ତା ରାଶିକୁ ୫ଶହ ଟଙ୍କା ବୃଦ୍ଧି ପାଇଁ ନିଷ୍ପତ୍ତି ନେଲେ । ଯିଏ ୫ଶହ ପାଉଥିଲେ, ଏବେ ପାଇବେ ୧ ହଜାର ଟଙ୍କା । ରବିବାର କେନ୍ଦୁପତ୍ର ତୋଳାଳୀଙ୍କୁ ୫୦ ପ୍ରତିଶତ ବୋନସ ଦେବାକୁ ସରକାର ଘୋଷଣା ହେଲା । ସୋମବାର ପ୍ରାୟ ୯୬ ଲକ୍ଷ ଖାଦ୍ୟ ସୁରକ୍ଷା ହିତାଧାକାରୀଙ୍କୁ ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଓ ମାଗଣାରେ ୨ଟି ଲେଖାଏଁ ଝୋଟ ବ୍ୟାଗ୍ ଦେବାକୁ ଘୋଷଣା ହୋଇଛି ।

ଯୁବବର୍ଗଙ୍କ ବଳ ବଢ଼ାଇବାକୁ ସରକାର କ୍ୟାବିନେଟରେ ଆଣିଲେ ସ୍ୱୟମ ଯୋଜନା । ଏ ଯୋଜନାରେ ବେକାର ଯୁବକ, ଯୁବତୀଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ଲେଖାଏଁ ଋଣ ମିଳିବ । ମଙ୍ଗଳବାର ଘୋଷଣା ହୋଇଛି, +୩ ଓ ପିଜି ଛାତ୍ରଛାତ୍ରୀଙ୍କୁ 'ନୂଆ ଓ' ଶିକ୍ଷାବୃତ୍ତିରେ ବର୍ଷକୁ ୯ରୁ ୧୦ ହଜାର ଟଙ୍କା ଲେଖାଏଁ ଦିଆଯିବ । ୩୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ହେବ । ଏଥିରେ ଛାତ୍ରଛାତ୍ରୀଙ୍କୁ ନୂଆ ମ୍ୟାଜିକ ସ୍ମାର୍ଟ କାର୍ଡ ମିଳିବ । ଏହି କାର୍ଡରେ ଛାତ୍ରଛାତ୍ରୀମାନେ ମାଗଣାରେ ବସ୍ ଓ ଟ୍ରେନରେ ଯା'ଆସ କରିବେ, ମାଗଣା ୱାଇଫାଇ ଚଳାଇବେ । ଉପହାର ଏତିକିରେ ଅଟକିଯାଇନି । ଗର୍ଭବତୀ ମହିଳାଙ୍କ ପାଇଁ ସରକାର ମମତା ଯୋଜନାରେ ସହାୟତା ରାଶିକୁ ଦୁଇ ଗୁଣ କରି ଦେଇଛନ୍ତି । ପ୍ରସବକାଳୀନ ସହାୟତାରେ ମହିଳାଙ୍କୁ ୫ ହଜାର ବଦଳରେ ୧୦ ହଜାର ଟଙ୍କା ଲେଖାଏଁ ମିଳିବ । ଗତ ଅଗଷ୍ଟରୁ ଏହା ଲାଗୁ ହେବ । ବୁଧବାର ଆହୁରି ବଡ଼ବଡ଼ ଘୋଷଣା ହୋଇଛି । କଳାକାରଙ୍କୁ ମିଳୁଥିବା ଆର୍ଥିକ ସହାୟତା ରାଶି ୧୨୦୦ ଟଙ୍କାରୁ ବଢ଼ି ୨ ହଜାର ଟଙ୍କା କରାଯାଇଛି । ବୟସ ୮୦ ବର୍ଷ ଟପିଥିଲେ ପାଇବେ ୨୫୦୦ । ବୁଣାକାର ମାସିକ ପାଉଥିଲେ (୬୦-୭୯ବର୍ଷ) ୫ଶହ । ଏବେ ପାଇବେ ୨ ହଜାର ଟଙ୍କା । ୮୦ ବର୍ଷରୁ ଅଧିକ ବୟସ୍କ ହୋଇଥିଲେ ମିଳିବ ୨୫୦୦ ଟଙ୍କା । ଅନ୍ୟପଟେ ବିଜୁଳି ଦର ବୋଝରେ ସାଧାରଣ ଉପଭୋକ୍ତାଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ଘରୋଇ ଉପଭୋକ୍ତାଙ୍କ ପାଇଁ ପ୍ରତି ସ୍ଲାବ୍‌ରେ ଖୁଚୁରା ଯୋଗାଣ ଦେୟ ବା ବିଜୁଳି ଟାରିଫ ୧୦ ପଇସା କମିଛି । ବିପିଏଲ୍ ଗ୍ରାହକ ମାସିକ ୮୦ ଟଙ୍କା ବିଜୁଳି ଦେୟ ଦେଉଥିବା ବେଳେ ଏହାକୁ କମାଇ ୭୦ ଟଙ୍କା କରାଯାଇଛି । କେବଳ ହିତାଧିକାରୀଙ୍କୁ ଅଧିକ ଲାଭ ଦେବାରେ ଅଟକି ନାହାନ୍ତି ସରକାର । ବିଭିନ୍ନ ଜିଲ୍ଲାରୁ ଆସୁଥିବା ବଡ଼ ଦାବିକୁ ବି ସରକାର ଶୁଣୁଛନ୍ତି । ଭିତ୍ତିଭୂମି, ନିଯୁକ୍ତି କ୍ଷେତ୍ରରେ ବି ବଡ଼ବଡ଼ ପ୍ରକଳ୍ପ ବର୍ଷା ଚାଲିଛି । ରାତି ପାହିଲେ ନୂଆ ନୂଆ ଶିଳ୍ପାୟନ ପ୍ରକଳ୍ପର ନିଅଁ ପଡୁଛି । ହଜାର ହଜାର ନିଯୁକ୍ତି ସୁଯୋଗର ବାଟ ଖୋଲୁଛନ୍ତି ସରକାର । ଏହାବାଦ୍ ବିଭିନ୍ନ ବର୍ଗ, ଅନୁଷ୍ଠାନ ଓ ସମ୍ପ୍ରଦାୟକୁ ଦେଇଥିବା କଥା ବି ଶତ ପ୍ରତିଶତ ପାଳନ ପାଇଁ ସରକାର ଲାଗି ପଡ଼ିଛନ୍ତି । କ୍ୟାବିନେଟରେ ବିଭିନ୍ନ ଧାର୍ମିକ ଓ ସାମାଜିକ ଅନୁଷ୍ଠାନକୁ ମାଗଣାରେ ଜମି ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ନିର୍ବାଚନ ଆଦର୍ଶ ଆଚରଣବିଧି ଲାଗୁ ନ ହେବା ପର୍ଯ୍ୟନ୍ତ ଏଭଳି ଉପହାର ବର୍ଷା ଜାରି ରହିବ ବୋଲି ଅନୁମାନ କରାଯାଉଛି ।



# ଗୀତା-ମାତା

## ମହାତ୍ମା ଗାନ୍ଧୀ

**ଭ**ଲ କରିବା ନିମନ୍ତେ ହିଂସା ଆଚରଣ କରିବା ଲାଗି ଗୀତା ଶିକ୍ଷା ଦେଉଛି ବୋଲି ମୁଁ ଆଦୌ ବିଶ୍ୱାସ କରେନାହିଁ । ଆମମାନଙ୍କ ନିଜ ହୃଦୟରେ ଯେଉଁ ଦ୍ୱନ୍ଦ୍ୱଯୁଦ୍ଧ ସର୍ବଦା ଲାଗି ରହିଛି, ଗୀତାରେ ପ୍ରଧାନତଃ ତାହାରି ବର୍ଣ୍ଣନା କରାଯାଇଛି । ଜୀବନକୁ ଜଳାଞ୍ଜଳି ଦେଇ ମଧ ଆମକୁ କିପରି ନିଜର କର୍ତ୍ତବ୍ୟ ଅବଶ୍ୟ କରିବାକୁ ହେବ, ଆମକୁ ସେହି ଶିକ୍ଷା ପ୍ରଦାନ କରିବା ପାଇଁ ଗୀତାର ଦିବ୍ୟ ରଚୟିତା ଇତିହାସର ଏକ ଘଟଣାକୁ କାମରେ ଲଗାଇଛନ୍ତି । ପରିଣାମ ଯାହା ହେଉ ପଛକେ, ଆମକୁ ଆମର କର୍ତ୍ତବ୍ୟ କରିବାକୁ ହିଁ ହେବ, ଗୀତା ଆମକୁ ସେହି ଶିକ୍ଷାଟିକୁ ଦେଉଛି । କାରଣ ଆମ ଶରୀରଟି ଦ୍ୱାରା ସୀମାବଦ୍ଧ ହୋଇ ରହିଥିବା ଆମେ ନଶ୍ୱର ମନୁଷ୍ୟମାନେ କେବଳ ନିଜଟିକୁ ବାଦ୍ ଦେଲେ ଆଉ ଯାବତୀୟ କାର୍ଯ୍ୟକୁ ଆୟତ୍ତରେ ରଖିବା ଲାଗି ନିତାନ୍ତ ଅସମର୍ଥ ହୋଇ ରହିଛୁ ଓ ଗୀତା ଆଲୋକର ଶକ୍ତି ଏବଂ ଅନ୍ଧକାର ଶକ୍ତି ମଧରେ ରହିଥିବା ପାର୍ଥକ୍ୟଟିକୁ ଦର୍ଶାଇ ଦେଇଛି ଏବଂ ସେମାନେ କିପରି ସଂଗତି ସହିତ ଏକତ୍ର କଦାପି ରହି ପାରିବେ ନାହିଁ, ତାହା ପ୍ରତିପାଦିତ କରିଛି ।

ଖ୍ରୀଷ୍ଟିଆନ୍ ଧର୍ମରେ ରହିଥିବା ବହୁତ କିଛିର ମୁଁ ପ୍ରଶଂସା କରିଥାଏ ସତ, ମାତ୍ର ପାରମ୍ପରିକ ଖ୍ରୀଷ୍ଟିଆନ୍ ଧର୍ମ ସହିତ ମୁଁ ନିଜକୁ ଏକାତ୍ମକ କରି ପାରେ ନାହିଁ ।... ହିନ୍ଦୁ ଧର୍ମକୁ ମୁଁ ଯେପରି ଭାବରେ ଜାଣିଛି, ତାହା ମୋ' ଅତ୍ମାର ସନ୍ତୋଷବିଧାନ କରେ, ମୋ'ର ସମସ୍ତ ସତ୍ତାକୁ ପୂର୍ଣ୍ଣ କରିଦିଏ ଏବଂ, ଏପରିକି ଗିରିଶିଖର ଉପଦେଶରେ ମଧ ମୋତେ ଯାହା ପ୍ରାପ୍ତ ହୋଇ ନଥାଏ, ଗୀତା ତଥା ଉପନିଷଦ ମାନଙ୍କରେ ମୁଁ ସେହି ସାନ୍ତ୍ୱନାଟିକୁ ଲାଭ କରିଥାଏ । ଗିରିଶିଖର ଉପଦେଶରେ ଯେଉଁ ଆଦର୍ଶ ଉପସ୍ଥାପନା କରାଯାଇଛି, ମୁଁ ଯେ ତାହାକୁ ଯଥାର୍ଥ ମୂଲ୍ୟ ଦିଏନାହିଁ, ସେକଥା ଆଦୌ ନୁହେଁ, ସେଥିରେ ରହିଥିବା କେତେକ ବହୁମୂଲ୍ୟ ଶିକ୍ଷା ଯେ ମୋ' ଉପରେ ଏକ ଗଭୀର ପ୍ରଭାବ ନ ପକାଇଛି, ସେ କଥା ମଧ ନୁହେଁ । ମାତ୍ର, ମୋତେ ସ୍ୱୀକାର କରିବାକୁ ହେବ ଯେ, ଯେତେବେଳେ ନାନା ସନ୍ଦେହ ଆସି ମୋତେ ଅଶ୍ୱସ୍ତ କରି ଦେଉଥାନ୍ତି, ଯେତେବେଳେ ନିରାଶାମାନେ ସିଧା ମୋ' ମୁହଁ ଆଡ଼କୁ କଟମଟ କରି ଅନାଇଥାନ୍ତି, ଯେତେବେଳେ ଦିଗ୍‌ବଳୟ ଉପରେ ମୋତେ ଅଲୋକର ଗୋଟିଏ ବି ରେଖା ଦେଖାଯାଉ ନଥାଏ, ସେତେବେଳେ ମୁଁ ଭଗବଦ୍ ଗୀତାର ଆଶ୍ରୟ ଲୋଡ଼ି ଯାଏ । ମୋତେ ସାନ୍ତ୍ୱନା ଦେବାଭଳି ଗୋଟିଏ ଶ୍ଳୋକ ସେଥିରୁ ଆବିଷ୍କାର କରିନେଇ ପାରେ । ତତ୍କ୍ଷଣାତ୍ ମୋତେ ଏକାବେଳେକେ ଅଭିଭୂତ କରି ରଖୁବା ଦୁଃଖ ମଧରେ ମୁଁ ତଥାପି କିଞ୍ଚିତ୍ ହସିବାର ଏକ କାରଣ ପାଇଯାଏ । ମୋ' ଜୀବନରେ ବାହ୍ୟ ଦୁଃସମୟ ଅନେକ ଆସିଛି, ମୋ' ଉପରେ ଯେ ସେଗୁଡ଼ିକର କୌଣସି ଦୃଶ୍ୟମାନ ସ୍ଥାୟୀ ଦାଗ ଆଦୌ ପଡ଼ିନାହିଁ, ମୁ ଭାବୁଛି ଭଗବଦ୍‌ଗୀତାର ଉପଦେଶ ଗୁଡ଼ିକ ଦ୍ୱାରା ହିଁ ତାହା ସମ୍ଭବ ହୋଇଛି ।

ମୋ' ନିଜ ବିଷୟରେ କହିବାକୁ ଗଲେ, ଯେତେବେଳେ ମୁଁ କୌଣସି ବିପଦରେ ପଡ଼ିଛି, ସେତେବେଳେ ମୁଁ ମୋ' ଗୀତାରୂପିଣୀ ମାଆ ପାଖକୁ ଧାଇଁ ଯାଇଛି ଏପର୍ଯ୍ୟନ୍ତ ସେ ମୋତେ ସର୍ବଦା ହିଁ ସାନ୍ତ୍ୱନା ଦେଇଆସିଛି । ଏହା ହୁଏତ ସମ୍ଭବ ଯେ, ଯେଉଁମାନେ ଗୀତାରୁ ଏହିଭଳି ଭାବରେ ସାନ୍ତ୍ୱନା ଲାଭ କରୁଛନ୍ତି, ସେମାନେ, ମୁଁ ଯେପରି ଦିନୁ ଦିନ ଗୀତାକୁ ବୁଝୁଛି, ସେମାନେ ମଧ ସେହିପରି ଭାବରେ ବୁଝିବାକୁ ଇଚ୍ଛା କଲେ ସେମାନେ ଆହୁରି ଅଧିକ ସାହାଯ୍ୟ ପାଇପାରନ୍ତେ ଏବଂ ସେଥିରୁ ଏକାବେଳେକେ ନୂଆ ଏପରି କିଛିର ଆବିଷ୍କାର ମଧ କରି ପାରନ୍ତେ ।

ବର୍ତ୍ତମାନ ଗୀତା ଯେ ମୋ' ପାଇଁ ବାଇବେଲ ଓ କୋରାନ୍ ହୋଇ ରହିଛି, କେବଳ ସେତିକି ନୁହେଁ, ତାହାଠାରୁ ଅନେକ ଅଧିକ ହୋଇ ରହିଛି । ଗୀତା ହେଉଛି ମୋ'ର ମାଆ । ଏହି ପୃଥିବୀରେ ମୋ'ର ଜନ୍ମଦାତ୍ରୀ ମାଆକୁ ମୁଁ ଅନେକ ଦିନରୁ ହରାଇଛି । ମାତ୍ର, ତା'ପରେ ଏହି ଶାଶ୍ୱତା ଜନନୀ ମୋ' ପାଖେ ପାଖେ ରହି ସେହି ଶୂନ୍ୟସ୍ଥାନଟିକୁ ସମ୍ପୂର୍ଣ୍ଣ ଭାବରେ ପୂର୍ଣ୍ଣ କରି ରଖିଛି । ଏ କେବେ ହେଲେ ବଦଳି ନାହିଁ, ମୋତେ କେବେ ହେଲେ ଧୋକା ଦେଇନାହିଁ । ଯେତେବେଳେ କୌଣସି ଦୁଃଖ ବା ବିପଦରେ ପଡୁଛି ସେତେବେଳେ ମୁଁ ତା'ର ବକ୍ଷରେ ଯାଇ ଆଶ୍ରୟ ନେଇ ପାରୁଛି ।

# ଜୀବନର ସତ୍ୟ

**ବା**ସାଂସି ଜୀର୍ଣ୍ଣାନି ଯଥା ବିହାୟ
ନବାନି ଗୃହ୍ଣାତି ନରୋଽପରାଣି ।
ତଥା ଶରୀରାଣି ବିହାୟ ଜୀର୍ଣ୍ଣା
ନ୍ୟନ୍ୟାନି ସଂଯାତି ନବାନୀ ଦେହୀ ।
(ଗୀତା:-୨-୨୨)

(ମନୁଷ୍ୟ ଯେପରି ପୁରୁଣା ବସ୍ତ୍ର ତ୍ୟାଗ କରି ଅନ୍ୟ ନୂତନ ବସ୍ତ୍ର ଗ୍ରହଣ କରେ, ଜୀବାତ୍ମା ସେହିପରି ପୁରାତନ ଶରୀର ଗୁଡିକ ତ୍ୟାଗ କରି ଅନ୍ୟ ନୂତନ ଶରୀର ଗ୍ରହଣ କରିଥାଏ ।)

ଜନ୍ମ ମରଣ ଚକ୍ରରେ ଜୀବ ଧାଇଁଛି ।
ପୁନରପି ଜନନଂ, ପୁନରପି ମରଣଂ,
ପୁନରପି ଜନନୀ ଜଠରେ ଶୟନଂ ।

୮୪ ଲକ୍ଷ ଯୋନି ଭ୍ରମଣ କରି ଚାଲିଛି । କାରଣ ପରମଧାମ( ଯେଉଁଠିକୁ ଥରେ ଗଲେ ଆଉ ଫେରି ଆସିବାକୁ ପଡେ ନାହିଁ)ତାର ଠିକଣା ତାକୁ ଜଣା ନାହିଁ ।

ଜୀବ ଯେଉଁ ବସ୍ତୁ, ପଦାର୍ଥ, ସ୍ଥାନ ସହିତ ଆସକ୍ତି ରଖିବ, ପ୍ରିୟ ଭାବନା ରଖିବ, ମୃତ୍ୟୁ ପରେ ବି ସେ ମୋହ ବଶତଃ ସେହି ସ୍ଥାନଟିକୁ ବାରମ୍ବାର ଆସିବ । ଆମ ଘରକୁ ଯେଉଁ ପଶୁପକ୍ଷୀ, ଜୀବଜନ୍ତୁ ମଣିଷ ମାନେ ଆସୁଛନ୍ତି, ସେହି ପ୍ରିୟ ଓ ଆସକ୍ତି ଭାବନା ଜନିତ କାରଣ ଓ ବ୍ୟାକୁଳ ଭାବ ଯୋଗୁଁ । ଅର୍ଥାତ୍ ପୂର୍ବ ଜନ୍ମରେ ଏହିମାନେ ନିଶ୍ଚୟ ଆମର ପୂର୍ବପୁରୁଷ ଥିଲେ କିମ୍ବା ଏମାନଙ୍କ ସହିତ ପୂର୍ବ ଜନ୍ମରେ ଆମର ସମ୍ବନ୍ଧ ଥିଲା । ତେଣୁ ସେମାନଙ୍କ ପ୍ରତି କଠୋର ଭାବ ପୋଷଣ କରିବା ନାହିଁ । ସେହିପରି ଆମର ଏ ଜନ୍ମରେ ଯେଉଁମାନେ ବନ୍ଧୁ ପରିଜନ ଭାବରେ ଉଭା ହୋଇଛନ୍ତି ସେହି ପୂର୍ବଜନ୍ମର ଆସକ୍ତି କାରଣରୁ ଓ ଯେଉଁମାନେ ଆମ ସହିତ ଶତ୍ରୁତା କରୁଛନ୍ତି ସେଇ ପୂର୍ବଜନ୍ମର ବିମୁଖ ଭାବ ଜନିତ କାରଣରୁ ।

ଏହା ସତ୍ୟଯେ, ଏ ସଂସାରର କୌଣସି ବସ୍ତୁ ପଦାର୍ଥ, ଟଙ୍କା ସୁନା ଧନ ସମ୍ପଦ, ପୁତ୍ର କନ୍ୟା ଓ ପ୍ରାଣୀଙ୍କ ପ୍ରତି ଆପଣାର ଭାବ ଥିବା ପର୍ଯ୍ୟନ୍ତ ଆମକୁ ଜନ୍ମ ଗ୍ରହଣ କରିବା ପାଇଁ ପଡୁଥିବ । ଯେଉଁଦିନ ଆମେ ଜାଣିଥିବା ମୁଁ ଯାହାକୁ ନିଜର ବୋଲି ଭାବୁଛି, ସେଗୁଡିକ ସବୁ ଭଗବାନଙ୍କର । ମୁଁ କେବଳ ଭୋଗ କରୁଛି । ଏ ସବୁକୁ ଦିନେ ମୋତେ ଛାଡିକି ଯିବାକୁ ହେବ । ଏ ସମଗ୍ର ଜଗତ ଭଗବାନଙ୍କର । ମୁଁ ବି ଭଗବାନଙ୍କର । ସେ ଯେବେ ଚାହିଁବେ ଜନ୍ମ ଦେବେ ଓ ଯେବେ ଚାହିଁବେ ନେଇଯିବେ ।

ସବୁ ଯଦି ତାଙ୍କର, ମୁଁ ଏଠି ସାମାନ୍ୟ ଅତିଥି ଟିଏ । ତେବେ ମୋ'ର କ'ଣ ? ମୋର କେବଳ ସେ । ସେହି ଭଗବାନ ହିଁ କେବଳ ମୋର । ଏଇ ଭାବଟି ହୃଦୟରେ ଦୃଢ କରି ଚାଲିଲେ ଯଦି ପ୍ରଭୁଙ୍କ କରୁଣାରୁ ମୃତ୍ୟୁ ସମୟରେ ତାଙ୍କ କଥା ଭାବୁ ଭାବୁ ମୃତ୍ୟୁ ହୋଇଗଲା, ତେବେ ଆମର ପୁନର୍ଜନ୍ମ ଶେଷ । ପରମଧାମ ପ୍ରାପ୍ତ ହେବ । ଆଉ ସଂସାର ଚକ୍ରରେ ଘୁରି ଘୁରି ଦୁଃଖ କଷ୍ଟ ଭୋଗିବାକୁ ପଡ଼ିବନି ।

ଶ୍ରୀମଭଗବଦ୍ ଗୀତା କହିଲେ :-

ଅନ୍ତକାଳେ ଚ ମାମେବ ସ୍ମରନ୍ ମୁକ୍ତା
କଳେବରମ୍,
ଯଃ ପ୍ରୟାତି ସ ମଭାବଂ ଯାତି ନାସ୍ତ୍ୟତ୍ର
ସଂଶୟଃ ।( ୮-୫,)

(ଅନ୍ତଃ କାଳରେ ଯେଉଁ ମନୁଷ୍ୟ ମୋତେ ହିଁ ସ୍ମରଣ କରି ଦେହତ୍ୟାଗ କରନ୍ତି, ସେ ମୋର ସାକ୍ଷାତ ସ୍ୱରୂପ ପାଇଯାଆନ୍ତି । ଏଥିରେ ତିଳେହେଁ ସଂଦେହ ନାହିଁ ।)

ଆମେ ସେଥିପାଇଁ ପ୍ରଯନ୍ତ ଆରମ୍ଭ କଲୁଣିକି ?

ଶ୍ରୀମଦ୍ ଭଗବତ ମହାପୁରାଣ ର ସେହି ଭରତ ରାଜାଙ୍କ କଥା ପଢନ୍ତୁ ।

ଏ ସଂସାର ଅସାର ଓ ଦୁଃଖମୟ ଓ ମଣିଷ ଜନ୍ମର ଉଦ୍ଦେଶ୍ୟ ହେଲା ପ୍ରଭୁଙ୍କ ସହିତ ଭବଯୁକ୍ତ ହେବା । ମାୟାରେ ପଡି ଧନ ସମ୍ପଦ ପଛରେ ଯଦି ଧାଇଁଛନ୍ତି, ଠିକ୍ ଅଛି । ହେଲେ ପରମ ଧନ ତ ସେଇ ମହାପ୍ରଭୁ । ତାଙ୍କୁ ପାଇବାକୁ କ'ଣ ଚେଷ୍ଟା କଲେଣି ?

ମନୁଷ୍ୟ ଜନ୍ମର ଏ ଲାଭ,
ଯେବେ ଗୋବିନ୍ଦେ ହୁଏ ଭାବ ।

ଯଦି ତାଙ୍କୁ ଜାଣି ନ ପାରିଲେ ଅନ୍ୟ ସବୁ ଜାଣିବା ବେକାର । ଯଦି ତାଙ୍କୁ ପାଇ ନପାରିଲେ, ଏ ସଂସାରର ସବୁ ଧନ ସମ୍ପଦ ପୁତ୍ର କନ୍ୟା ପରିଜନ ବେକାର । ମୃତ୍ୟୁ ପରେ ଏ ଶରୀର ପୋଡି ପାଉଁଶ ହୋଇଯିବ । ଧୂଳି ହୋଇଯିବ କିମ୍ବା ପଚିସଢି ଯିବା କିମ୍ବା କେଉଁ ପଶୁପକ୍ଷୀଙ୍କ ଆହାର ହୋଇ ଅବଶିଷ୍ଟାଂଶ ମଳ ହୋଇ ବାହାରି ଯିବ । କାହିଁକି ଏତେ ଗର୍ବ ଦମ୍ଭ ଅହଂକାର ? ମୁଁ ଓ ମୋର ଭାବ ?

ସେଦିନ ରାଜା ଭରତ ଜୀବନର ଉଦ୍ଦେଶ୍ୟ କୁ ବୁଝି ବିରାଟ ସାମ୍ରାଜ୍ୟ, ରାଣୀ, ପରିବାର, ସମସ୍ତ ଭୋଗ ବିଳାସ କୁ ପରିତ୍ୟାଗ କରି ଜଙ୍ଗଲରେ ତପସ୍ୱୀ ଜୀବନ ବିତାଇଲେ ।

ମାତ୍ର ସେ କିପରି ଏକ ମୃଗ ଶିଶୁ ପ୍ରତି ଆସକ୍ତ ହୋଇ ନିଜ ସାଧନା ମାର୍ଗରୁ ବିଚ୍ୟୁତ ହେଲେ ଓ ଭଗବାନଙ୍କୁ ଧ୍ୟାନ କରିବା ପରିବର୍ତ୍ତେ ଆସକ୍ତି କାରଣରୁ ମୃତ୍ୟୁବରଣ କରିବା ପୂର୍ବରୁ ମୃଗଶିଶୁକୁ ଧ୍ୟାନ କରି ମୃଗଜନ୍ମ ପାଇଲେ ଆମେ ଜାଣନ୍ତି । ମୃଗ ଜନ୍ମରେ ଅନାସକ୍ତ ରହିଲେ ଓ ପର ଜନ୍ମରେ ଜଡ ଭରତ ହୋଇ ଆତ୍ମାନୁଭୁତି ମାର୍ଗରେ ଅଗ୍ରସର ହେଲେ । ଭାଗବତ ମହାପୁରାଣ ର ଏ ପ୍ରସଙ୍ଗ ପଠନ, ମନନ ଓ ମନ୍ଥନ ଯୋଗ୍ୟ । ଜଡ ଭରତ ପ୍ରସଙ୍ଗରେ ରାଜା ରହୁଗଣଙ୍କ ପାଲିଙ୍କି ବୋହିବା ଓ ଉପଦେଶ ମାଧ୍ୟମରେ ଭୌତିକବାଦୀ ରାଜାକୁ ଅଧ୍ୟାତ୍ମବାଦୀ କରାଇଥିଲେ ତାହା ପଠନଯୋଗ୍ୟ ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

# ସ୍ୱର୍ବେଦ


**ଦେଓ୍ୱ ଓ୍ୱାସ ନହିଁ ଚକ୍ର ପର,**
**ମୋହ କଲ୍ପନା ଜାନ ।**
**ସାଚା ସୃଷ୍ଟି ଓ୍ୱିରାଟ ହୈଁ, ତୀନ**
**ଲୋକ ମୟ ଜ୍ଞାନ ।।୩୦।।**

ଭାଷ୍ୟ - ଚକ୍ରମାନଙ୍କରେ ଦେବତାମାନେ ବାସ କରନ୍ତି ବୋଲି ମାନ୍ୟତା ଦେବା ଅଜ୍ଞାନଯୁକ୍ତ କଳ୍ପନା ଅଟେ । ତ୍ରିଲୋକ ସୃଷ୍ଟିର ଏକ ବିଶାଳ ଆକୃତି ଅଟେ, ଯାହାଠାରୁ ସମସ୍ତ ଜଗତର ସୃଷ୍ଟି । ବ୍ରହ୍ମ, ଜୀବ, ପ୍ରକୃତି-ମିଶ୍ରିତ ଏହି ବିଶାଳ ସୃଷ୍ଟିର ମୂଳାରମ୍ଭ ତେଜୋମୟ ଅଣ୍ଡାକୃତିକୁ ବିଶାଳ କହନ୍ତି । ଏକଦେଶୀୟ ଦେବ ସମସ୍ତ ଶରୀରର ଚକ୍ରଗୁଡ଼ିକରେ ବାସ କରନ୍ତି, ଏହିପରି କଳ୍ପନା କରିବା ସମ୍ପୂର୍ଣ୍ଣ ଭ୍ରାନ୍ତିଯୁକ୍ତ ଅଟେ ।

**ଦେଓ୍ୱ ଦ୍ୟୋତକ ହୈ ଅର୍ଥ କା,**
**ଦେଓ୍ୱ କରଣ ପରମାନ ।**
**ଅକ୍ଷର ଚିଦ ଅରୁ ସକଲ ଜଡ଼,**
**ଚୌଦହ ଦେଓ୍ୱ ପ୍ରମାନ ।।୩୧।।**

ଭାଷ୍ୟ - ଦେବର ଅର୍ଥ ପ୍ରକାଶ-ଦ୍ୟୋତକ ହୋଇଥାଏ । ଯିଏ ପ୍ରକାଶ କରିଥାନ୍ତି, ତାଙ୍କୁ ଦେବ କହନ୍ତି । ଦେବ ଇନ୍ଦ୍ରିୟମାନଙ୍କୁ କହିଥାନ୍ତି । ଯାହା ପ୍ରଦାନ କରିଥାଏ ସେ ଦେବ ଅଟେ । ବ୍ରହ୍ମ ଚେତନ ଦେବ ଅଟନ୍ତି, ଯିଏ ସମସ୍ତ ଜଗତର ପ୍ରକାଶକ ଏବଂ ସର୍ବ କର୍ମଫଳ ପ୍ରଦାତା ଅଟନ୍ତି । ଦଶ ଇନ୍ଦ୍ରିୟ ଓ ଚାରି ଅନ୍ତଃକରଣ - ଏହି ଚତୁର୍ଦ୍ଦଶ ଦେବ ଜଡ଼ ଅଟନ୍ତି ।

**ଈଶ୍ୱର ଗୁରୁ ଭୟ ମାନତେ,**



**ଅଭୟ ହୋୟ ସଂସାର ।**
**ସୋ ନର ଗୁରୁ କା ଲାଲ ହୈ,**
**ସକଲ ଲକ୍ଷ୍ୟ କର ପାର ।।୩୨।।**

ଭାଷ୍ୟ - ଈଶ୍ୱର ଏବଂ ଗୁରୁଙ୍କୁ ଭୟ କରୁଥିବା ବ୍ୟକ୍ତି ସଂସାରେ ନିର୍ଭୟ ହୋଇ କାଳାତିପାତ କରିଥାନ୍ତି । ସେ ଗୁରୁଙ୍କର ପ୍ରିୟଭାଜନ ହୋଇ ଜୀବନର ସମସ୍ତ ଲକ୍ଷ୍ୟକୁ ପ୍ରାପ୍ତ କରିଥାନ୍ତି ।

**ମାନଓ୍ୱ ଶକ୍ତିକ ବାହରେ, ଜଗତ**
**କାମ କୋଇ ନାହିଁ ।**
**ବାହର ହୈ ସୋ ପୁରୁଷ କା, ସର୍ଓ୍ୱ**
**ଶକ୍ତି ଜେହି ମାହିଁ ।।୩୩।।**

ଭାଷ୍ୟ - ମନୁଷ୍ୟର ଶକ୍ତିର ବାହାରେ ଜଗତର କୌଣସି କାର୍ଯ୍ୟ ନାହିଁ, ଯାହାକୁ ସେ କରିପାରେ ନାହିଁ । ଜୀବତ୍ୱ ଶକ୍ତିର ବାହାରେ କାର୍ଯ୍ୟ ଜଗତର ନିୟନ୍ତାଙ୍କର ଅଟେ, ଯାହା ଭିତରେ ସମସ୍ତ ଶକ୍ତି ସ୍ଥିତ ଅଛନ୍ତି ଏବଂ ଯିଏ ଅନନ୍ତ କ୍ରିୟାର ବଳ ଏବଂ ଶକ୍ତିରେ ସର୍ବଦା ପରିପୂର୍ଣ୍ଣ ଅଟନ୍ତି ।

**ସବ ସାଧନ ନର ଦେହ ହୈ,**
**ଜ୍ଞାନ ମୋକ୍ଷ କର ଦ୍ୱାର ।**
**ଦେଓ୍ୱ ସଦାଫଲ ସଫଲ କର,**
**ଜୀଓ୍ୱନ ଜନ୍ମ ସମ୍ଭାର ।।୩୪।।**

ଭାଷ୍ୟ - ସମସ୍ତ ଲକ୍ଷ୍ୟ ପ୍ରାପ୍ତିର ସାଧନ ତଥା ଜ୍ଞାନ ଆଉ ମୋକ୍ଷ ପ୍ରାପ୍ତିର ମାର୍ଗ ମନୁଷ୍ୟ ଶରୀର ଅଟେ । ସେଥିପାଇଁ ଏହି ଜୀବନକୁ ସମ୍ଭାଳି ଯୋଗବଳର ପୁରୁଷାର୍ଥ ଦ୍ୱାରା ପ୍ରଭୁପ୍ରାପ୍ତି କରି ସଫଳ କରନ୍ତୁ ।

**।। ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ,**
**ଦ୍ୱିତୀୟ ଅଧ୍ୟାୟ ଭାଷ୍ୟ ସମାପ୍ତ ।।**

**ତୃତୀୟ ଅଧ୍ୟାୟ**

**ଚେତନ ସୂଚକ ସୃଷ୍ଟି ହୈ,**
**ନିୟମ ବଦ୍ଧ ଜଗ ଜାନ ।**
**ପରମେଶ୍ୱର କୀ ସିଦ୍ଧି ମେଁ, ଓ୍ୱିଶ୍ୱ**
**ପୂର୍ଣ୍ଣ ପରମାନ ।।୦୧।।**

ଭାଷ୍ୟ - ନିୟମବଦ୍ଧ ଜଗତର ସଂଚାଳନ ଓ ଏହାର ରଚନା ଏହାଠାରୁ ଭିନ୍ନ ଅସ୍ତିତ୍ୱକୁ ପ୍ରମାଣିତ କରେ । ଏହି ମହାନ୍ ଏବଂ ବିଶାଳ ଜଗତର ରଚନା ପରମେଶ୍ୱରଙ୍କର ପୂର୍ଣ୍ଣତାର ପ୍ରମାଣ ଅଟେ ।

**ଇଚ୍ଛା ଜ୍ଞାନ ପ୍ରୟତ୍ନ ଓ୍ୱେ,**
**ଚେତନତ୍ୱ ୟହ ଜାନ ।**
**ଜଡ଼ ପ୍ରକୃତି ମେଁ ନହିଁ ବନେ,**
**ଜଗ ଉତ୍ପାଦକ ଜ୍ଞାନ ।।୦୨।।**

ଭାଷ୍ୟ - ଚେତନ ଭିତରେ ଜ୍ଞାନ, ଇଚ୍ଛା ଓ ପ୍ରଯତ୍ନ - ଏ ତିନି ପ୍ରକାର ଗୁଣ ଥାଆନ୍ତି । ଜଡ଼ ପ୍ରକୃତିରେ ଏସବୁ ଗୁଣର ଅଭାବ ଦେଖାଯାଏ । ସେଥିପାଇଁ ଜଡ଼ ପ୍ରକୃତିର ରଚନା ସ୍ୱୟଂ ହୋଇ ନ ଥାଏ ।

ଏହାର ସ୍ରଷ୍ଟା ସ୍ୱୟଂ ପରମେଶ୍ୱର ଅଟନ୍ତି । ପରମେଶ୍ୱରଙ୍କର ପ୍ରେରଣାରୁ ଅକ୍ଷର ଦ୍ୱାରା ପ୍ରକୃତିରେ ପ୍ରଚେଷ୍ଟା ହୋଇ ଏହି ବିଶାଳ ଜଗତର ରଚନା ହୋଇଥାଏ । ଏହି ବିଶାଳ ସୃଷ୍ଟିର ନିର୍ମାତା ସର୍ବବ୍ୟାପୀ ପୂର୍ଣ୍ଣ ପୁରୁଷ ପରମାତ୍ମା ଅଟନ୍ତି ।

**ଜ୍ଞାନ ରୂପ ପରଂବ୍ରହ୍ମ ହୈ, ଜଡ଼**
**ମାୟା ନହିଁ ହୋୟ ।**
**ନିର୍ମାତା ଜଗ ସିଦ୍ଧ ହୈ, ଓ୍ୱିଶ୍ୱ**
**ଶାକ୍ଷିମୟ ସୋୟ ।।୦୩।।**

ଭାଷ୍ୟ - ପରଂବ୍ରହ୍ମ ଜ୍ଞାନ ସ୍ୱରୂପ ଅଟନ୍ତି ଏବଂ ତାଙ୍କଠାରେ ସର୍ବଦା ଜ୍ଞାନ ରହିଥାଏ କାହିଁକି ନା ସେ ଚେତନ ଅଟନ୍ତି । ଜଡ଼ ମାୟାରେ ଜ୍ଞାନ ନାହିଁ । ସେଥିପାଇଁ ଏହି ଜଗତର ନିର୍ମାତା ପରଂବ୍ରହ୍ମ ସିଦ୍ଧ ଅଟନ୍ତି, ଯାହାର ସାକ୍ଷୀ ସମଗ୍ର ବିଶ୍ୱ ଅଟେ । ଏହି ବିଶାଳ ଦୃଶ୍ୟ-ଜଗତ ବିନା ଚେତନରେ ନିର୍ମିତ ହୋଇ ନ ପାରେ । ଜଡ଼ ପଦାର୍ଥରେ ସ୍ୱୟଂ କ୍ରିୟା ହୋଇ ନ ଥାଏ । ସେଥିପାଇଁ ଏହି ବିଶାଳ ଜଗତର ରଚନା ଈଶ୍ୱରଙ୍କ ଦ୍ୱାରା ହୋଇଥାଏ, ସ୍ୱୟଂ ନୁହେଁ ।

**ମତ ମେଁ ଦ୍ୱୈତାଦ୍ୱୈତ ହୈ,**
**ଅରୁ ଅଦ୍ୱୈତ ଓ୍ୱିଚାର ।**
**ଅନ୍ୟ ଓ୍ୱିଶିଷ୍ଟାଦ୍ୱୈତ ହେ,**
**ଶୁଦ୍ଧାଦ୍ୱୈତ ପ୍ରଚାର ।।୦୪।।**

ଭାଷ୍ୟ - କଳି ପ୍ରଚଳିତ ସମ୍ପ୍ରଦାୟଗୁଡ଼ିକରେ ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟ ଅଦ୍ୱୈତ, ଶୁଦ୍ଧ ଅଦ୍ୱୈତ ଓ ଅଦ୍ୱୈତର ପ୍ରଚାର ହୋଇଥାଏ ।

# ଜୀବନର... (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ଆଜି ସମାଜରେ ଭୌତିକବାଦୀଙ୍କ ପ୍ରାବଲ୍ୟ ଓ ଆଧାତ୍ମିକବାଦୀଙ୍କ ଅଭାବ ଜନିତ କାରଣରୁ ଯାଗ ଯଜ୍ଞାଦି କାର୍ଯ୍ୟ କରିବା ବହୁତ କଷ୍ଟକର ହୋଇ ପଡ଼ୁଛି । ସରକାର ୫ଟି ଯୋଜନାରେ ମନ୍ଦିର,ଦେବସ୍ଥଳର ବିକାଶ ବନାମ ବିଳାସ ପାଇଁ ଗଦା ଗଦା ଟଙ୍କା ଖର୍ଚ୍ଚ କରୁଛନ୍ତି, କାମନାଜିବୀ ଲୋକେ ମନ୍ଦିର ଆସିବେ, ବୁଲିବେ, ଭୋଗ ଚଢେଇବେ, ପୁଳାଏ ଗୁହାରି କରିବେ, ଠିକ୍ ଅଛି । ମାତ୍ର ଯଜ୍ଞସ୍ଥଳ ନିର୍ମାଣ ପାଇଁ ଓ ଯାଜ୍ଞିକ ପରିବେଶ ଓ ଉପାସନା ସ୍ଥଳୀ ନିର୍ମାଣ ପାଇଁ ସରକାରଙ୍କର ଧାନ ନାହିଁ । ଏଣେ ଆମ ସନାତନ ଧର୍ମ ର ପ୍ରାତଃ ସ୍ମରଣୀୟ ଋଷିଗଣ ଯଜ୍ଞକୁ ଶ୍ରେଷ୍ଠତମ କର୍ମ ର ପ୍ରାମାଣିକ ମାନ୍ୟତା ପ୍ରଦାନ କରିଛନ୍ତି । ହୋମ ଯଜ୍ଞ କେବଳ ବୈଜ୍ଞାନିକ ନୁହେଁ, ଅତି ବୈଜ୍ଞାନିକ ଚିନ୍ତାଧାରାର ଏକ ସଫଳ ରୂପାୟନ । ମାତ୍ର କଳିଯୁଗରେ ସରକାରଙ୍କୁ ଏକଥା କିଏ ବୁଝାଇବ ?

ଆଗ ରାଜର୍ଷି ଜନକାଦି ରାଜାମାନେ ଯଜ୍ଞର ମହତ୍ୱ ବୁଝିଥିଲେ ବୋଲି ଋଷିଗଣ ଙ୍କୁ ନେଇ ଜଗତର କଲ୍ୟାଣ ପାଇଁ ଦେଶରେ ମହାଯଜ୍ଞ ର ଆୟୋଜନ କରୁଥିଲେ । ଏକଦା ଆମ ଭରତବର୍ଷରେ ପ୍ରତ୍ୟେକ ଦିନ ଅଗ୍ନିହୋତ୍ରୀ ବ୍ରାହ୍ମଣ ମାନଙ୍କ ଦ୍ୱାରା ଲକ୍ଷ ଲକ୍ଷ ଯଜ୍ଞ ହେଉଥିଲା । ଯଜ୍ଞର ପ୍ରଭାବରେ ପ୍ରଜାଗଣ ସୁଖରେ କାଳାତିପାତ କରୁଥିଲେ । ଉପାସନା ଦ୍ୱାରା ପ୍ରକୃତି ସନ୍ତୁଳିତ ଥିଲା । ଯଥା ସମୟରେ ବର୍ଷା ହେଉଥିଲା, ପୃଥିବୀ ଶସ୍ୟଶାଳିନୀ ହେଉଥିଲା ।

ଆଜି ପରିବେଶ ଓ ପରିସ୍ଥିତି ରେ କେବଳ ଅକୃତଜ୍ଞ ଓ ବେଇମାନ ଭାବ । ଅଶାନ୍ତି, ଦୁଃଖ ଓ ସନ୍ତାପ ଭାବ ।

ଏହାର ଏକମାତ୍ର କାରଣ ହେଲା ଯିଏ ଆମର ନିଜର ନୁହେଁ ତା'କୁ ନିଜର ଭାବିବା ଓ ଯିଏ ଜନ୍ମ ଜନ୍ମାନ୍ତର ଆମର ନିଜର ତାକୁ ନିଜର ନ ଭାବିବା । ଥରେ ଭାବନ୍ତୁ ତ, ଆପଣ ଉପାର୍ଜନ କରିଥିବା ଟଙ୍କା ସୁନା ଘର, ଗାଡି ଇତ୍ୟାଦି ଗୁଡ଼ିକ ଆପଣଙ୍କୁ କେବେ ଆପଣାର ଭାବିଛିକି ? ପୁତ୍ର କନ୍ୟା ପତ୍ନୀ ପରିବାର ପରିଜନ ଏମାନେ ମଧ ପ୍ରତି ମୁହୁର୍ତ୍ତରେ ଆମଠାରୁ ବିଚ୍ୟୁତ ହୋଇ ଚାଲିଛନ୍ତି ।

ନିରାଟ ସତ୍ୟ କଥା ଏମାନେ ଆପଣଙ୍କୁ ମୋର ମୋର ତ କହିବେ, ମାତ୍ର ପ୍ରାଣ ଛାଡ଼ିଗଲା ପରେ ଆପଣଙ୍କୁ ଅତିଶୀଘ୍ର ନିଆଁ ଲଗେଇ ପୋଡି ପକାଇବେ ।

ଭଗବାନଙ୍କ ବ୍ୟତୀତ ଆଉ କାହାପ୍ରତି ମମତା ( ମୋ'ର ଭାବ) ରଖନ୍ତୁ ନାହିଁ । ଦୁଃଖ ପାଇବେ । ହଁ କର୍ତ୍ତବ୍ୟ କର୍ମ କରନ୍ତୁ । ସଂସାର ଧର୍ମ ପାଳନ୍ତୁ, କେହି ମନା କରୁ ନାହାନ୍ତି । ମାତ୍ର ସେଇ ପରମ ପ୍ରେମମୟ ପ୍ରିୟତମଙ୍କ ଉଦ୍ଧେଶ୍ୟରେ କିଛି ବି କରନ୍ତୁ । ତାଙ୍କର ମଧୁମୟ ସୃଷ୍ଟିର ସେବା କରି ସେଭଳି ମଧୁମୟ ରଖନ୍ତୁ, ବିକୃତ କରନ୍ତୁ ନାହିଁ ।

ଯଦି ତାଙ୍କ ସଂସାରର ଧନକୁ ନିଜର ଭାବି ଗର୍ବ କରିବେ, ତାଙ୍କ ସେବାରେ ବିନିଯୋଗ ନକରିବେ, ତେବେ ନଶ୍ୱର ସଂସାର ମୋହରେ ମମତାଯୁକ୍ତ ହୋଇ ଯାହାକୁ ଆପଣାର ବୋଲି ଭାବିଥିବେ, ମଲାପରେ ବି ମମତା ମୁକ୍ତ ହୋଇ ପାରିବେ ନାହିଁ । ଭୁତ ପ୍ରେତ ଡାହାଣୀ,ଚିର୍ଗୁଣି ହୋଇ ଜନ୍ମ ନେବେ । ନିଜର ପୂର୍ବଜନ୍ମର ଆକୃତି ଧାରଣ କରି ଭୁତ ହୋଇ ନିଜର ଭାବୁଥିବା ଘର ମାନଙ୍କୁ ଯିବା ଆସିବା କରିବେ । ଅକଥନୀୟ ଦୁଃଖ ଯନ୍ତ୍ରଣା ପାଇବେ । ବିଶ୍ୱାସ ନକରୁଥିଲେ ବି ଏହା ସତ୍ୟ । ତାର ଅସଂଖ୍ୟ ପ୍ରମାଣ ରହିଛି ।

ତେଣୁ ସମସ୍ତଙ୍କୁ ନିବେଦନ, ଜୀବନର ବାସ୍ତବତାକୁ, ସତ୍ୟକୁ, ବୁଝନ୍ତୁ ।

ଏ ଭୌତିକ ଜଗତ ଜନ୍ମମୃତ୍ୟୁର ସାଗର ଅଟେ । ଏହାକୁ ଅତିକ୍ରମ କରିବା ପାଇଁ ଆମକୁ ମାନବ ଶରୀର ରୂପୀ ନୌକା ମିଳିଛି । ବୈଦିକ ଶାସ୍ତ୍ର ସମୁଦାୟ, ସାଧୁ ସନ୍ଥ, ତ୍ୟାଗୀ ବୈରାଗୀ, ବିଦ୍ୱାନ ପଣ୍ଡିତ ଗଣ, ପରମାର୍ଥୀକ ଗୁରୁ ବର୍ଗଙ୍କ ପରି ଦକ୍ଷ ନାବିକ ଆମ ଗହଣରେ ଅଛନ୍ତି ଯେଉଁମାନେ ଶରୀର ରୂପୀ ନୌକାକୁ ସେହି ପାଦପଦ୍ମ ଆଡ଼କୁ ବାହି ନେବା ପାଇଁ ସଦାସର୍ବଦା ତତ୍ପର ଅଛନ୍ତି ।

ଏତେ ସୁବିଧା ଥାଇ ମଧ, ଦୁର୍ଲ୍ଲଭ ମାନବ ଜନ୍ମ ପାଇ ମଧ ଯଦି ଆମେ ଦେବତା ବ୍ରାହ୍ମଣ, ଗୁରୁ ଗୁରୁଜନରେ ଭକ୍ତି ନରଖିବା, ଯାଗ ଯଜ୍ଞାଦି କର୍ମ ରେ ପ୍ରବୃତ୍ତ ନହେବା ତେବେ ଏ ଜନ୍ମ ପରେ ଆଗାମୀ ଜନ୍ମରେ ଏକ ବଦ୍ଧଜୀବ( ଆହାର ନିଦ୍ରା ଭୟ ମୈଥୁନ ଭିତରେ ସୀମିତ) ବା ପଶୁ, ପକ୍ଷୀ କୀଟ ପତଙ୍ଗ, ତରୁ ତୃଣ ଲତା ଗୁଳ୍ମ ପାଷାଣ ହୋଇ ଜନ୍ମ ପାଇ ଖୁସି ହେବାକୁ ଆସନ୍ତୁ ପ୍ରସ୍ତୁତ ରହିବା ।

## ହାଡ଼କୁ ସବଳ କରେ ଦହି

ଓଷ୍ଟିଓପୋରୋସିସ୍ କ୍ରୋନିକ୍ ହେଲେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥାଏ । ଏହା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନ୍ ଡେନସିଟିରେ ପ୍ରଭାବ ପକାଇଥାଏ । ପ୍ରତ୍ୟେକ ଭାରତୀୟଙ୍କ ଘରେ ଦହି ଏକ ସାଧାରଣ ଖାଦ୍ୟ । ଏହା କ୍ୟାଲସିୟମର ଏକ ଉଚ୍ଚମାନର ସ୍ରୋତ । ଏଥି ସହିତ ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ଓ ପାଚନ କ୍ରିୟାରେ ମଧ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରିଥାଏ । କିନ୍ତୁ ବୟସ୍କ ଲୋକଙ୍କ ଠାରେ ଏହା ଓଷ୍ଟିଓପୋରୋସିସ୍ ହ୍ରାସ କରିବାରେ ମଧ ସାହାଯ୍ୟ କରିଥାଏ ବୋଲି ଏକ ନୂତନ ରିସର୍ଚ୍ଚରୁ ଜଣାପଡିଛି । ଆୟାର୍ଲଲ୍ୟାଣ୍ଡ ଡବଲଇନର ଟ୍ରିନିଟି କଲେଜ୍ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନର ଘନତ୍ୱ ବଢ଼ିଥାଏ । ହାଡ଼ର ଶକ୍ତି କମିଗଲେ ଓଷ୍ଟିଓପୋରୋସିସ୍ ରୋଗ ହୋଇଥାଏ । ୩୦ ବର୍ଷ ପରେ କ୍ୟାଲସିୟମ୍ ଶରୀରରୁ ହ୍ରାସ ପାଇବା ଆରମ୍ଭ ହୋଇଥାଏ । ଏହି ସର୍ବେକ୍ଷଣରୁ ଜଣାପଡିଛି ମହିଳାମାନେ ଖାଦ୍ୟରେ ଦହି ପରିମାଣ ଏକ ୟୁନିଟ୍ ବୃଦ୍ଧି କଲେ ଓଷ୍ଟଇଓପୋନିଆ ସ୍ଥିତି ଆଶଙ୍କା ୩୦ ପ୍ରତିଶତ ହ୍ରାସ ପାଇବା ସହ ଓଷ୍ଟିଓପୋରୋସିସ୍ ଆଶଙ୍କା ୩୯ ପ୍ରତିଶତ ହ୍ରାସ ପାଇଥାଏ । ଆଉ ପୁରୁଷମାନଙ୍କ କ୍ଷେତ୍ରରେ ଓଷ୍ଟିଓପୋରୋସିସ୍ ଆଶଙ୍କା ୫୨ ପ୍ରତିଶତ ହ୍ରାସ ପାଇଥାଏ ।



## ଟିକିଏ ହସନ୍ତୁ

ସ୍ତ୍ରୀ ସିରିୟଲ ଦେଖୁଥିବା ବେଳେ ସ୍ୱାମୀ ରିମୋଟ୍ ଦେଲ ମୁଁ କ୍ରିକେଟ୍ ମ୍ୟାଚ୍ ଦେଖିବି ।
ସ୍ତ୍ରୀ: ମୁଁ ଦେଇ ପାରିବିନି ।
ସ୍ୱାମୀ(ରାଗିକି): କ'ଣ ? ଦେଖି ନେବି ।
ସ୍ତ୍ରୀ ରାଗିକି : କ'ଣ ଦେଖି ନେବ ?
ସ୍ୱାମୀ: ଯାହା ତମେ ଦେଖୁଛ ସେଇୟା ।

× × × ×

ସ୍ୱାମୀ ସ୍ତ୍ରୀ ଛାଡପତ୍ର ନେବାପରେ ଭରଣ ପୋଷଣ ପାଇଁ ନିଜ୍ ସ୍ତ୍ରୀକୁ ସ୍ୱାମୀ ତା' ଦରମାର ଅଧା ଟଙ୍କା ଦେବାର ରାୟ ଶୁଣାଇଲେ । ଏହା ଶୁଣିବା ପରେ ସ୍ୱାମୀ ହସି ହସି ବେଦମ୍ ହେଇଗଲା ।
ଏହା ଦେଖି ଜଜ୍: ଅଧା ଦରମା ଦେବାକୁ ହେବ । ଏଥିରେ ପୁଣି ଏତେ ଖୁସି ହେବାର କ'ଣ ଅଛି ?
ସ୍ୱାମୀ : ଆଜ୍ଞା, ଆଗରୁ ପରା ସେ ମୋର ପୁରା ଦରମା ରଖି ନେଉ ଥିଲା ।

× × × ×



ଯୁବକ କାର୍ଡ ଦୋକାନୀଙ୍କୁ: ଭାଇ ଆପଣଙ୍କ ପାଖରେ ଏମିତି କାର୍ଡ ଅଛି କି, ଯେଉଁଥିରେ ଲେଖାଥିବ- 'ତମେ, ମୋର ପ୍ରଥମ ଓ ଶେଷ ପ୍ରେମ ରହିବ ।
ଦୋକାନୀ: ହଁ, ଅଛି ।
ଯୁବକ ଖୁସି ହେଇ : ଠିକ୍ ଅଛି ।
ତା'ହେଲେ ସେଇ କାର୍ଡରୁ ଆପଣ ମତେ ୧୦ଟା ଦିଅନ୍ତୁ ।

× × × ×

ଶିକ୍ଷକ ପପୁକୁ: କାଲି ମୁଁ ଯେଉଁ ପୋଏମ୍ ପଢେଇଥିଲି ତାକୁ ଶୁଣେଇଲୁ ।
ପପୁ: ସାର୍ ମୋର ମନେ ନାହିଁ ।
ଶିକ୍ଷକ : ତୋର ଯାହା ମନେ ଅଛି କହ ।
ପପୁ (ଭାବିକି) : ହଉ ସାର କହୁଛି –'ଜାନେ ମେରି ଜାନେମନ, ବଚପନ କା ପ୍ୟାର ମେରା ଭୁଲ ନହିଁ ଜାନାରେ' ।

× × × ×

ଯୁବକ ଜଣେ ଯୁବତୀକୁ: ତମେ ମତେ ଲୋନ୍ ଦେଇଥିଲ କି ?
ଯୁବତୀ : ନାଇଁ ତ ।
ଯୁବକ : ତା'ହେଲେ ତୁମ ଆଡକୁ ମୋର ଇଣ୍ଟରେଷ୍ଟ କାହିଁକି ବଢି ବଢି ଯାଉଛି ?

× × × ×

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ତୁମ ନାଁ ମୋ ହୃଦୟରେ ଲେଖିବି ନା ହାତରେ ?
ଗଲଫ୍ରେଣ୍ଡ: ତୁମେ ଯଦି ମତେ ଏତେ ଭଲ ପାଉଛ ତେବେ ତୁମ ପ୍ରପର୍ଟି ପେପର୍‌ରେ ମୋ ନାଁ ଲେଖିଦିଅ ।

## ନଡିଆର ଉପକାରିତା

ନଡିଆକୁ ଶ୍ରୀଫଳ କୁହାଯାଇଥାଏ । ପୂଜା କାର୍ଯ୍ୟରେ ଏହାକୁ ପ୍ରଥମେ ଲୋଡା ଯାଇଥାଏ । ସବୁ ଫଳଠାରୁ ନଡିଆର ସ୍ୱାଦ ସମ୍ପୂର୍ଣ୍ଣ ନିଆରା । କଷି ବେଳେ ଏହାର ପାଣି ପେଟକୁ ଥଣ୍ଡା କରିଥାଏ, ପାକଳ ହେବା ପରେ ଏହା ନଡିଆରେ ପରିଣତ ହୋଇଥାଏ । ନଡିଆ ଉପର ଭାଗ ଯେତେ କଠିନ ହୋଇଥିଲେ ହେଁ, ଏହାର ଭିତର ଖୁବ୍ ରସାଳ ତଥା ମିଠା ଓ ସ୍ୱାଦଯୁକ୍ତ । ତେବେ ନଡିଆକୁ ପୂଜା ପାର୍ବଣଠାରୁ ଆରମ୍ଭ କରି ବିବାହ ବ୍ରତ ତଥା ରୋଷେଇ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

ନଡିଆକୁ ପ୍ରତ୍ୟେକ ଶୁଭ କାର୍ଯ୍ୟ ତଥା ବିବାହ, ବ୍ରତ ଉତ୍ସବ ଆଦିରେ ସର୍ବପ୍ରଥମେ ବ୍ୟବହାର କରାଯାଇଥାଏ ।

ନଡିଆ ପତ୍ରରେ ଚଟେଇ ତଥା ସପ ରୂପରେ ତିଆରି କରି ଗରିବମାନେ ବ୍ୟବହାର କରିଥାନ୍ତି ।



ଏହାର ଖଡିକାରେ ଝାଡୁ ତିଆରି କରି ଘର ସଫା କରିବା କାମରେ ବ୍ୟବହାର କରାଯାଇଥାଏ ।

ନଡିଆର ତେଲକୁ ମୁଣ୍ଡରେ ଲଗାଇଲେ କେଶ ଘନ କଳା ହୋଇଥାଏ ।

ଏଥି ସହିତ ନଡିଆକୁ କୋରି ଏହାର ତେଲକୁ ରାନ୍ଧି । ରନ୍ଧା ନଡିଆ ତେଲକୁ ପୋଡ଼ା ଘା' କିମ୍ବା କଟା ଘା'ରେ ଲଗାଇଲେ ଯଥାଶୀଘ୍ର ଉପଶମ ମିଳିଥାଏ ।

ସର୍ବତରେ କିମ୍ବା ଲସିରେ ନଡିଆ କୋରାକୁ ଉପଯୋଗ କରାଯାଇଥାଏ ।

ନଡିଆ ଗଛର ଗଣ୍ଡି ଘର ତିଆରି କାର୍ଯ୍ୟରେ ଲାଗିଥାଏ ।

ନଡିଆ କତାରେ ପାପୋଛ, ଖେଳନା, ଦଉଡି ଆଦି ତିଆରି କରାଯାଇଥାଏ । ଏହାର ଷଢ଼େଇକୁ ଡଙ୍କି ତଥା କେନ୍ଦରା ଭାବେ ବ୍ୟବହାର କରାଯାଇଥାଏ । ରୋଷେଇରେ ମଧ ନଡିଆକୁ କୋରି ତରକାରିରେ ବ୍ୟବହାର କରାଯାଇଥାଏ । ଖୀରି, ପିଠା, ମଣ୍ଡା ତଥା ନଡିଆ କୋରାର ଉପଯୋଗ କରାଯିବା ସହିତ ଏହାକୁ ଚଟଣୀ ରୂପରେ ବ୍ୟବହାର କରାଯାଇଥାଏ ।

ନଡିଆ ପାଣି ଶରୀର ପାଇଁ ଖୁବ୍ ହିତକାରକ । ଏଥିରେ ଖଣିଜ ଲବଣ ଭରପୁର ରହିଥାଏ । ନଡିଆ ପାଣି ପିଇଲେ ଆମ ଶରୀରକୁ ଶକ୍ତି ମିଳିଥାଏ । ଏହା ଆମ ଶରୀର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଫଳରେ ଶରୀରରେ କୌଣସି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଏହା ଆମ ଶରୀରର ମୋଟାପଣକୁ ଦୂର କରିଥାଏ । କାମଳ ରୋଗ, ହାଡ଼ଫୁଟି ଆଦି ରୋଗ ପାଇଁ ପଇଡ଼ ପାଣି ରାମବାଣ ସଦୃଶ । ପଇଡର ପାଣି ରୋଗୀର ପେଟକୁ ଥଣ୍ଡା ରଖିଥାଏ । ନଡିଆ ପାଣି ପିଇଲେ ଗଳଗଣ୍ଡ ରୋଗରୁ ମୁକ୍ତି ମିଳିଥାଏ । ଆମ ଶରୀରରେ ବୃକକକୁ ସୁସ୍ଥ ରଖେ । ଏଥି ସହିତ ୟୁରିନ୍ ଇନ୍‌ଫେକସନ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କାକୁ ମଧ କମ୍ କରିଥାଏ ପଇଡ ପାଣି ।

ହାଡ଼ଫୁଟି କିମ୍ବା ଯଦି ଶରୀର ପୋଡ଼ା ଦାଗ ଥାଏ ତେବେ ତ୍ୱଚାରୁ ଏହି ଦାଗ ଲିଭାଇବା ପାଇଁ ପଇଡ ପାଣିକୁ ଲଗାଇବା ଫଳରେ ଶରୀରର ଦାଗ ଦୂର ହୋଇଥାଏ । ଏଥି ସହିତ ନଡିଆକୁ ବାଟି ପେଷ୍ଟ କରି ଏହାକୁ ତ୍ୱଚାରେ ଲଗାଇଲେ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା କଦଳୀ

କଞ୍ଚା କଦଳୀରେ ପୋଟାସିୟମ ଭରପୁର ପରିମାଣରେ ରହିଛି । ଯାହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଏବଂ ଦିନ ତମାମ ଶରୀରକୁ ଫୁର୍ତ୍ତି ମିଳିଥାଏ । ଏଥିରେ ଭରି ରହିଥିବା ଭିଟାମିନ୍ ବି-୬ ଓ ଭିଟାମିନ୍ ସି' ଶରୀରର କୋଷିକାଗୁଡିକୁ ପୋଷଣ ଦେଇଥାଏ । କଞ୍ଚା କଦଳୀରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି । ବହୁ ଡାକ୍ତର ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ପ୍ରତିଦିନ ଗୋଟିଏ କଞ୍ଚା କଦଳୀ ଖାଇବାକୁ ପରାମର୍ଶ ଦେଇଥାନ୍ତି ।



ଏଥିରେ ଭରପୁର ମାତ୍ରାରେ ତନ୍ତୁ (ଫାଇବର) ରହିଥିବାରୁ ଏହା ଅନାବଶ୍ୟକ ଫ୍ୟାଟ୍ ଲେଗୁଡିକୁ ସଫା କରିବାରେ ସାହାଯ୍ୟ କରିଥାଏ । କୋଷ୍ଠକାଠିନ୍ୟ ସମସ୍ୟା ରହୁଥିଲେ କଞ୍ଚା କଦଳୀ ବେଶ୍ ଲାଭଦାୟକ ହୋଇଥାଏ । ଏଥିରେ ଫାଇବର ଓ ହେଲଦୀ ଷ୍ଟାର୍ଚ ରହିଥିବାରୁ ଏହା ପେଟରେ କୌଣସି ଅପରିଷ୍କାର ଜିନିଷ ଜମିବାକୁ ଦିଏ ନାହିଁ । ମଧୁମେହ ରୋଗରେ ପୀଡିତ ବ୍ୟକ୍ତି କଞ୍ଚା କଦଳୀ ଖାଇବା ଉଚିତ । ଏହାଦ୍ୱାରା ମଧୁମେହକୁ ନିୟନ୍ତ୍ରିତ କରି ହୁଏ ।

## ଆପଣ ଜାଣନ୍ତି କି ?

- ବ୍ରିଟେନରେ ଯଦି କୌଣସି ପତି-ପତ୍ନି ଛଳ କପଟ କରି ଛାଡ଼ପତ୍ର ଦିଆନିଆ ହୋଇଥିବାର ଜଣାପଡ଼େ ତେବେ ଉଭୟଙ୍କ ବିରୋଧରେ ଅଦାଲତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି ।
- ଯେଉଁ ପତି ବା ପତ୍ନୀ କାର୍ଯ୍ୟାଳୟରେ ୧୦ ଘଣ୍ଟାରୁ ଅଧିକ କାର୍ଯ୍ୟ କରିଥାନ୍ତି ସେମାନଙ୍କ ମଧରେ ଛାଡ଼ପତ୍ର ଦିଆନିଆ ସମ୍ଭାବନା ଅଧିକ ।
- ନାଗପୁର - ଅଜନି ମଧରେ ଦୂରତା (ମାତ୍ର ୩ କି.ମି) ହେଉଛି ଭାରତରେ ସବୁଠୁ କମ୍ ଦୂରତା ବିଶିଷ୍ଟ ଷ୍ଟେସନ ।
- 'ତ୍ରିଭେନ୍ଦ୍ରମ୍' ହେଉଛି ଭାରତର ଏପରି ଏକ ରେଳଗାଡ଼ି, ଯାହା ବିନା କୌଣସି ଷ୍ଟପେଜ୍‌ରେ ଅନବରତ ୯୨୮ କିମିର ଦୂରତା ଅତିକ୍ରମ କରିଥାଏ ।
- ଭାରତରେ ପ୍ରତିଦିନ ପ୍ରାୟ ୧୨,୬୧୭ ଟ୍ରେନ୍ ଚାଲିଥାଏ । ଆଉ ପ୍ରତିଦିନ ପ୍ରାୟ ୨୩ ମିଲିଅନ୍ ଯାତ୍ରୀ ରେଳଯାତ୍ରା କରିଥାନ୍ତି ।
- ଦିଲ୍ଲୀରେ ଅବସ୍ଥିତ ଥିବା ରେଳ ମ୍ୟୁଜିୟମ୍ ଏସିଆର ସବୁଠୁ ବଡ଼ ରେଳ ମ୍ୟୁଜିୟମ୍ ।
- ଭାରତରେ ଏପରି ଦୁଇଟି ରେଳଷ୍ଟେସନ୍ ରହିଛି, ଯାହା ଦୁଇଟି ରାଜ୍ୟର ଅନ୍ତର୍ଗତ । 'ନବାପୁର୍' ଏପରି ଏକ ଷ୍ଟେସନ୍, ଯାହାର ଅଧା ଭାଗ ମହାରାଷ୍ଟ୍ର ଏବଂ ଆଉ ଅଧା ଭାଗ ଗୁଜରାଟରେ ରହିଛି । ଏହି ଷ୍ଟେସନରେ ଅଟକୁଥିବା ପ୍ରତ୍ୟେକ ରେଳଗାଡି ଉକ୍ତ ଦୁଇ ରାଜ୍ୟରେ ରହିଥାଏ । ଠିକ୍ ସେହିପରି 'ଭବାନୀ ମଣ୍ଡି' ଷ୍ଟେସନ ମଧ ଅଧା ରାଜସ୍ଥାନ ଏବଂ ଅଧା ମଧପ୍ରଦେଶରେ ରହିଛି ।

## ଟମାଟୋ ସୁପ୍ ଖୁବ୍ ଉପଯୋଗୀ

ଟମାଟୋରେ କ୍ୟାଲୋରି ଖୁବ୍ ଅଧିକ ଥାଏ । ଟମାଟୋ ସୁପରେ ବହୁତ ପୋଷକତତ୍ତ୍ୱ ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଏଥିରେ ଭିଟାମିନ୍ ଏ.ଇ.ସି.କେ ଓ ଆଣ୍ଟି ଅକ୍ସିଡେଣ୍ଟ ରହିଛି । ଏହା ଆପଣଙ୍କ ଶରୀରକୁ ଫିଟ୍ ରଖିଥାଏ । ତେବେ ଟମାଟୋ ସୁପର ଉପକାରିତା ବିଷୟରେ ଜାଣି ରଖନ୍ତୁ ।



ଅସ୍ଥି ପାଇଁ ଲାଭକାରୀ: ଏଥିରେ ଭିଟାମିନ୍ କେ ଓ କ୍ୟାଲସିୟମ୍ ରହିଛି ଯାହାକି ଅସ୍ଥିକୁ ମଜଭୁତ କରିଥାଏ । ଟମାଟୋର ସୁପ୍ ପ୍ରତିଦିନ ପିଇବା ଫଳରେ ଟେନ୍ ଆଲଫା ବ୍ଲଡ ଲେବଲକୁ ୩୪% କମ୍ କରି ଦେଇଥାଏ । ଶରୀରରେ ଲାଇକୋପିନକୁ କମ୍ କରି ଅସ୍ଥି ଉପରେ ଚାପକୁ ବୃଦ୍ଧି କରିଥାଏ ଟମାଟୋ ।

ମସ୍ତିଷ୍କକୁ ସୁସ୍ଥ ରଖେ: ଟମାଟୋ ସୁପରେ ବହୁ ମାତ୍ରାରେ କପର ରହିଥାଏ । ଯାହା ଫଳରେ ନର୍ଭସ ସିଷ୍ଟମ ଠିକ୍ ରହିଥାଏ । ଏଥିରେ ପୋଟାସିୟମ୍ ମାତ୍ରା ମଧ ପ୍ରଚୁର ରହିଛି ଯାହାକି ମସ୍ତିଷ୍କକୁ ସୁସ୍ଥ ରଖିଥାଏ ।

ଓଜନ ହ୍ରାସ କରେ: ଟମାଟୋ ସୁପକୁ ଯଦି ଅଲିଭ୍ ଅଏଲରେ ପ୍ରସ୍ତୁତ କରାଯାଏ ତେବେ ଓଜନ କମ୍ କରିବାରେ ଏହା ସହାୟକ ହୋଇଥାଏ । ଏହାର ପାଣି ଓ ଫାଇବର ମାତ୍ରା ଅଧିକ ରହିଥାଏ । ଯାହା ଫଳରେ ଆପଣଙ୍କୁ ବହୁ ସମୟ ପର୍ଯ୍ୟନ୍ତ ଭୋକ ହୋଇନ ଥାଏ ।

ଟମାଟୋ ସୁପରେ ଆଣ୍ଟିଅକ୍ସିଡେଣ୍ଟ ରହିଛି ଯାହାକି କ୍ୟାନସର ସମ୍ଭାବନାକୁ କମ୍ କରିଥାଏ । ସପ୍ତାହରେ ଥରେ ଏଡି ସୁପ୍ ପିଇବା ଫଳରେ ବ୍ରେଷ୍ଟ ଓ ପ୍ରୋଷ୍ଟେଟ୍ କ୍ୟାନସର ହେବାର ସମ୍ଭାବନା କମ୍ ହୋଇଥାଏ ।

## କ୍ୟାନସର ପ୍ରତିରୋଧକ ଡିମ୍ବିରି

ଡିମ୍ବିରି ଫଳ କ୍ୟାନସର ପ୍ରତିରୋଧକ । ହୁଏତ ଅନେକଙ୍କ ଏହା ଆଶ୍ଚର୍ଯ୍ୟରେ ପକାଇପାରେ । ମାତ୍ର ଏହା ସମ୍ପୂର୍ଣ୍ଣ ସତ । ଦୀର୍ଘବର୍ଷ ଗବେଷଣା ପରେ ଡିମ୍ବିରି ଫଳ ଯେ କ୍ୟାନସର ରୋଗୀଙ୍କ ପାଇଁ ଲାଭଦାୟକ, ତାହା ପ୍ରମାଣିତ ହୋଇଛି ।



ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୁର ଡିମ୍ବିରି ଫ୍ରି ର୍ୟାଡିକଲ୍ସ ଯୋଗୁଁ ହେଉଥିବା କ୍ଷତିରୁ ଡିଏନଏର ରକ୍ଷା କରିଥାଏ ଯଦ୍ୱାରା କ୍ୟାନସର ସମ୍ଭାବନା ହ୍ରାସ ପାଇଥାଏ । ଡିମ୍ବିରିରେ ପ୍ରଚୁରମାତ୍ରାରେ ଫାଇବର ରହିଛି । ଏହାକୁ କଞ୍ଚା ଖାଇ ପାରିବେ ନଚେତ୍ ଖରାରେ ଶୁଖାଇ । ଫରକ୍ କେବଳ ଏତିକି ଯେ, କଞ୍ଚା ଡିମ୍ବିରିରେ ଫାଇବର ମାତ୍ରା ଅଧିକ ଥିବାବେଳେ ଶୁଖିଗଲା ପରେ ସେଥିରୁ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ । ଏହା ବ୍ୟତୀତ ଡିମ୍ବିରିରେ ମହଜୁଦ୍ ପଟାସିୟମ ରକ୍ତଚାପ ଓ ରକ୍ତ ସୁଗରକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ । ଶୁଖିଲା ଡିମ୍ବିରିରେ ଫେନୋଲ୍, ଓମେଗା ୩ ଫ୍ୟାଟି ଏସିଡ୍, ଓମେଗା ୬ ଥାଏ, ଯାହା ହୃଦୟ ସମ୍ବନ୍ଧିତ ସମସ୍ୟାରୁ ରକ୍ଷାକରି କ୍ୟାନସର ଆଶଙ୍କାକୁ ହ୍ରାସ କରେ । କ୍ୟାଲସିୟମ ତ ଏମିତିରେ ସବୁପ୍ରକାର ଫଳରେ ଭରପୁର ଥାଏ, ଯାହା ଅସ୍ଥିକୁ ମଜବୁତ କରିଥାଏ । କିନ୍ତୁ ଡିମ୍ବିରିରେ ମ୍ୟାଗ୍ନେସିୟମ ଓ 'କେ-୨' ଭିଟାମିନ୍ ଉଭୟ ରହିଥାଏ, ଯାହା ଶରୀରରେ ସମସ୍ତ ଭାଗରେ ଅସ୍ଥିମଜାକୁ ମଜଭୁତ୍ କରେ । ନିକଟରେ ହୋଇଥିବା ଗବେଷଣାରୁ ଏହା ପ୍ରମାଣିତ ହୋଇଛି ଯେ, ଡିମ୍ବିରି ଖାଇବା ଦ୍ୱାରା ମସ୍ତିଷ୍କ କ୍ୟାନସର ସମସ୍ୟା ୭୫ ପ୍ରତିଶତ ହ୍ରାସ ପାଇଥାଏ ।

## କହିପାରିବେ କି ?

(୧) କେଉଁ ଭାରତୀୟ ପ୍ରଥମେ ୪ଟି ଅଲମ୍ପିକ୍ ସହିତ ୪ଟି ବିଶ୍ୱକପ୍‌ରେ ଭାଗ ନେଇଥିଲେ ?
(୨) ଚିତା ବ୍ୟତୀତ କେଉଁ ଦ୍ୱିତୀୟ ପ୍ରାଣୀ ଯିଏକି ଜୋର୍‌ରେ ଦୌଡିଥାଏ ?
(୩) କେଉଁ ଟପ୍ ଫୁଟବଲ୍ କ୍ଲବକୁ 'ଦି ଓଲ୍ଡ ଲେଡି ଅଫ୍ ଟୁରିନ୍' କୁହାଯାଏ ?
(୪) ବିଶ୍ୱର ସବୁଠୁ କେଉଁ ଟପ୍ ସ୍ପୋର୍ଟ୍ସ ବ୍ରାଣ୍ଡର ପ୍ରତିଷ୍ଠାତା ହେଉଛନ୍ତି ଫିଲ୍ ନାଇଟ୍ ?
(୫) ପ୍ରାଚୀନ ଭାରତରେ କେଉଁ ଖେଳକୁ ଚତୁରାଙ୍ଗ କୁହାଯାଉଥିଲା ?
(୬) କେଉଁ ଏକମାତ୍ର ଖେଳାଳୀ ୱିମ୍ବଲଡନ୍ ଚାମ୍ପିଅନ ଏବଂ ଆଇସ୍ ହକିରେ ୱାର୍ଲଡ ଚାମ୍ପିଅନ ?
(୭) ଜୟ ଯୱାନ ଜୟ କିଶାନ' ସ୍ଲୋଗାନକୁ ନେଇ ମନୋଜ କୁମାର ନିର୍ମାଣ କରିଥିବା ଚଳଚ୍ଚିତ୍ରର ନାମ କ'ଣ ?
(୮) କେଉଁ ରାଜ୍ୟର ଫିଲ୍ମ ଇଣ୍ଡଷ୍ଟ୍ରିକୁ 'ସ୍ୟାଣ୍ଡଲ ଉଡ୍' ନାଁ ଦିଆଯାଇଥିଲା ?
(୯) କେଉଁ ଏକମାତ୍ର କଣ୍ଠଶିଳ୍ପୀଙ୍କୁ ତାଙ୍କ ଡେବ୍ୟୁ ଗୀତ ଲାଗି ଫିଲ୍ମଫେୟାର ବେଷ୍ଟ ସିଙ୍ଗର ଆୱାର୍ଡ ମିଳିଥିଲା ?
(୧୦) ଗିଭିଙ୍ଗ ପ୍ଲେସ୍‌କୁ ସ୍ୱାକ୍ଷର କରିଥିବା ପ୍ରଥମ ଭାରତୀୟ ଶିଳ୍ପପତି କିଏ ?

**JUMBLE WORDS**

1) SJUDTA =
2) CONUEP =
3) PASYO =
4) SYESM =
5) VIWLES =
6) BIRLEG =
7) VLEAG =
8) EKRCE =
9) TRYIGT =
10) LAAAEZ =

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ଏପ୍ରିଲ ୨୩, ୨.ଶାରଜାହ, ୩.ଏପ୍ରିଲ ୨୨, ୪.ଆମେରିକା, ୫.ନାସା, ୬.ପୋଓ୍ୱେହି, ୭.ଏପ୍ରିଲ ୧୯, ୮.ଗୁରୁଗ୍ରାମ, ୯. ଆସାମି, ୧୦. ସୁଭାଷ ଚନ୍ଦ୍ର ବୋଷ ।

***Jumble Words*** ର ଉତ୍ତର **:-**

(1) ELOPE (2) HVRRY (3) OVERDO (4) FIASCO (5) BUNGO (6) FUSSY (7) UNSURE (8) ADRIFT (9) MERCY (10) WHARF

## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଏକ ସମୟରେ ଅନାହାର ପର୍ଯ୍ୟଟନଭୂମି କୁହାଯାଉଥିବା କଳାହାଣ୍ଡିର ଚେହେରା ବଦଳିଛି । ମରୁଡ଼ି ଅଞ୍ଚଳର ବ୍ୟାପକ ରୂପାନ୍ତରଣ କରାଯାଇଛି । ଏହି ଧୂଷର ଅଞ୍ଚଳକୁ ସବୁଜାଞ୍ଚଳରେ ପରିଣତ କରିଛନ୍ତି ମୁଖ୍ୟମନ୍ତ୍ରୀ । ଲୋକଙ୍କ ପାଇଁ କାମ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି 'ସଭା ସପକ୍ଷ' ବାତାବରଣ ସୃଷ୍ଟି ହୋଇଛି । ଏଥିପାଇଁ ପ୍ରତି ନିର୍ବାଚନରେ ବିଜେଡି ଭୋଟ୍ ହାର ବୃଦ୍ଧି ପାଉଛି । ଅଫିସରଙ୍କ ଭଲ କାମକୁ ମୁଖ୍ୟମନ୍ତ୍ରୀ ସବୁବେଳେ ପ୍ରଶଂସା କରି ଆସିଛନ୍ତି । ସ୍ୱଚ୍ଛ ଓ ଭଲ କାମ କରୁଥିବା ଅଧିକାରୀଙ୍କ ପଛରେ ମୁଖ୍ୟମନ୍ତ୍ରୀ ଠିଆ ହୁଅନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ତାଙ୍କ ଜିଲ୍ଲା ଶୁଣାଣି ପ୍ରସଙ୍ଗରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ କରୋନା ପରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଲୋକଙ୍କ ଆଗମନ ହ୍ରାସ ପାଇଥିଲା ଓ ଲୋକମାନଙ୍କ ଅଭିଯୋଗ ଓ ଆପତ୍ତି ଶୁଣିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ଜନଶୁଣାଣି ପାଇଁ ନିର୍ଦ୍ଦେଶ ଦେଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସିଏମ୍ଓ ଲୋକଙ୍କ ପାଖରେ ପହଞ୍ଚିଲା । ସେମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଗଲା ଓ ତତ୍କ୍ଷଣାତ୍ ସମାଧାନ ନିମନ୍ତେ ପଦକ୍ଷେପ ନିଆଗଲା । ଏହି ସମୟରେ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସାଧାରଣ ଲୋକଙ୍କ ଭଲପାଇବା ଅନୁଭବ କରିଛନ୍ତି । ଏହା ହିଁ ତାଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ଅନୁପ୍ରେରିତ କରିଥିଲା । ରାଜନୀତିରେ ପ୍ରବେଶ କରିବା ସତ୍ତ୍ୱେ ସେ କୌଣସି ଦଳୀୟ ପଦପଦବୀ ପାଇଁ ଲାଳାୟିତ ନୁହନ୍ତି । ତାଙ୍କୁ ଦଳରେ ବିଭିନ୍ନ ପଦ ପାଇଁ ପ୍ରସ୍ତାବ ଦିଆଯାଇଥିଲା, ଏପରିକି ତାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ପାଇଁ ବିଭିନ୍ନ ସ୍ଥାନରୁ ପ୍ରସ୍ତାବ ମିଳିଥିଲା । ମାତ୍ର ସେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ନିମନ୍ତେ ଆଗ୍ରହୀ ନୁହନ୍ତି । ୨୦୨୪ରେ ସେ ଲୋକସଭା, ରାଜ୍ୟସଭା, ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ନାହିଁ ଓ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବା କାର୍ଯ୍ୟ କେବଳ ମୁଖ୍ୟମନ୍ତ୍ରୀ ହିଁ କରିପାରିବେ । ତେଣୁ ନିଜର ରକ୍ତ, ସ୍ୱେଦ ଏକତ୍ରିତ କରି ସେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ନିର୍ବାଚିତ କରିବା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ଲୋକଙ୍କର ଭାଷା ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାଷା । ସେ ହୃଦୟରୁ କୁହନ୍ତି, ସ୍ୱଚ୍ଛତାକୁ ଭଲ ପାଆନ୍ତି । ଯଦି ଆପଣ ଲୋକଙ୍କ ସମସ୍ୟା ସମାଧାନ କରୁଛନ୍ତି ତେବେ ଭାଷା ବାଧକ ସାଜିବନି । ଆପଣ କେତେ ସ୍ୱଚ୍ଛ, କେତେ ଉତ୍ସର୍ଗୀକୃତ, ତାହା ଲୋକମାନେ ଜାଣିବାକୁ ଚାହାନ୍ତି । ଲୋକଙ୍କ ଭିତରେ ନେତା ବହୁତ ଲୋକପ୍ରିୟ ହେଲେ କେହି ବିଦ୍ରୋହ କରିପାରିବେନି । ପ୍ୟାରୀମୋହନ ମହାପାତ୍ରଙ୍କ ଖରାପ ସମୟ ଥିଲା ବୋଲି ସେ ବିଦ୍ରୋହ କରିଥିଲେ । ମାତ୍ର ନବୀନଙ୍କ ଲୋକପ୍ରିୟତା ଆଗରେ ଏହା ପଣ୍ଡ ହୋଇ ଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ଭଲ ସମ୍ପର୍କ ରହିଆସିଛି । ଉଭୟ ପରସ୍ପରକୁ ସମ୍ମାନ ଦିଅନ୍ତି । ଉଭୟ ସାଧାରଣ ଜନତାଙ୍କୁ ବିଶ୍ୱାସ କରନ୍ତି ଓ ସଂଘୀୟ ବ୍ୟବସ୍ଥାକୁ ଉପଯୁକ୍ତ ସମ୍ମାନ ଦେଇଥାଆନ୍ତି । ସେହିପରି ବିଜେଡି ଓ ବିଜେପି ମଧ୍ୟରେ ସଂପର୍କ ସଂକ୍ରାନ୍ତ ଏକ ପ୍ରଶ୍ନରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ରାଜ୍ୟ ସ୍ୱାର୍ଥ ଆଗ, ସେ କାମରେ ବିଶ୍ୱାସ କରନ୍ତି । ରାଜ୍ୟବାସୀଙ୍କ ହିତ ଚିନ୍ତା କରନ୍ତି । ରାଜ୍ୟ ତଥା ଦେଶର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ବିଜେଡି କେନ୍ଦ୍ର ସରକାରଙ୍କୁ ସମର୍ଥନ କରିଛି । ମାତ୍ର ଚାଷୀ ବିଲ୍, ଏନଆରସି ଆଦି ପ୍ରସଙ୍ଗରେ ବିଜେଡ଼ି କେନ୍ଦ୍ର ସରକାରଙ୍କୁ ସମର୍ଥନ କରିନାହିଁ ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ଜୀବନରେ ସବୁଠୁ ବଡ଼ ଆହ୍ୱାନ ଥିଲା ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ । ଏହି ପ୍ରକଳ୍ପ ବେଳେ ଅନେକ ମୁଖ୍ୟମନ୍ତ୍ରୀଙ୍କୁ ବିରତ ରହିବାକୁ ପରାମର୍ଶ ଦେଇଥିଲେ । ଶ୍ରୀମନ୍ଦିର ପ୍ରସଙ୍ଗ ରାଜ୍ୟର କୋଟିକୋଟି ଲୋକଙ୍କ ଆସ୍ଥାର ବିଷୟ ହେଇଥିବାରୁ ସାମାନ୍ୟ ତ୍ରୁଟିବିଚ୍ୟୁତି ତାଙ୍କ ରାଜନୈତିକ ଜୀବନକୁ ଶେଷ କରିଦେଇପାରେ ବୋଲି ମଧ ଚେତାଇ ଦେଇଥିଲେ । ମାତ୍ର ମୁଖ୍ୟମନ୍ତ୍ରୀ ଏହାକୁ ଭ୍ରୂକ୍ଷେପ କରି ନ ଥିଲେ । ମହାପ୍ରଭୁଙ୍କ କାର୍ଯ୍ୟ କିପରି ଭଲରେ ହେବ ଓ ଭଲ ଭାବରେ କରାଯିବ, ସେଥିପାଇଁ ସବୁକିଛି ମହାପ୍ରଭୁଙ୍କୁ ସମର୍ପଣ କରି ଦେଇଥିଲେ ଓ ଶ୍ରୀଜଗନ୍ନାଥଙ୍କ କରୁଣାରୁ ୫୦୦ବର୍ଷ ମଧ୍ୟରେ ଯାହା ହୋଇ ପାରି ନ ଥିଲା ତାହା ୩ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରିଥିଲା । ସେହିପରି ରାଜ୍ୟର ବିଭିନ୍ନ ଧାର୍ମିକ ପୀଠର ରୂପାନ୍ତରଣ କାର୍ଯ୍ୟ ମଧ ଆରମ୍ଭ ହୋଇଥିଲା । ତାରାତାରିଣୀ ମନ୍ଦିର, ସମଲେଇ ପ୍ରକଳ୍ପ ଶେଷ ହୋଇଛି । ଇତିମଧ୍ୟରେ ପ୍ରାୟ ୧୦ ହଜାର ମନ୍ଦିର, ମସଜିଦ୍, ଚର୍ଚ୍ଚ, ଗୁରୁଦ୍ୱାରର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି । ରାଜ୍ୟରେ ବର୍ତ୍ତମାନ 'ସ୍ପିରିଚୁଆଲ ଗର୍ଭର୍ଣ୍ଣାନ୍ସ ଚାଲିଛି । ଅନ୍ୟପକ୍ଷରେ ସାମାଜିକ କ୍ଷେତ୍ରରେ ବିରାଟ ପରିବର୍ତ୍ତନ ହୋଇଛି । ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି, ବିଏସକେଓ୍ୱାଇ ଦେଶର ସବୁଠୁ କ୍ରାନ୍ତିକାରୀ କାର୍ଯ୍ୟକ୍ରମର ମାନ୍ୟତା ପାଇଛି, ସ୍କୁଲ ରୂପାନ୍ତରଣ ରାଜ୍ୟର ଶୈକ୍ଷିକ ବାତାବରଣକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିପାରିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି । ଏହା ସହ କୋଭିଡ଼ ସମୟରେ ରାଜ୍ୟ ସରକାରଙ୍କ ପଦକ୍ଷେପ, ବିପର୍ଯ୍ୟୟ ପରିଚାଳନାରେ ସଫଳତା, ମନରେଗାରେ ବ୍ୟାଙ୍କ ଖାତାକୁ ମଜୁରୀ ପ୍ରଦାନ, କୃଷିରେ ଅଭୂତପୂର୍ବ ପରିବର୍ତ୍ତନ ସମ୍ପର୍କରେ ମଧ ଏହି ଅବସରରେ ସେ ସୂଚନା ଦେଇଛନ୍ତି ।

ଓଡ଼ିଶାରେ ଏକ ଡବଲ୍ ଇଞ୍ଜିନ ସରକାର ନ ଥିଲେ ହେଁ ଡବଲ ଇଞ୍ଜିନ ସରକାର ଭଳି ସୁବିଧା ପାଇପାରୁଛି ବୋଲି ପ୍ରଶ୍ନର ଉତ୍ତରରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ ନିର୍ବାଚନ ନ ଥିଲେ ମୁଖ୍ୟମନ୍ତ୍ରୀ ରାଜନୀତି କରିବାକୁ ପସନ୍ଦ କରନ୍ତି ନାହିଁ । ସେ କାମରେ ବିଶ୍ୱାସ କରିଥା'ନ୍ତି । ଓଡ଼ିଶା ଲୋକଙ୍କ ପାଇଁ ଯାହା ଭଲ, ତାହା କରିଥା'ନ୍ତି । ଏମିତି ନୁହେଁ ଯେ ବିଜେଡି ସବୁବେଳେ ବିଜେପିକୁ ସମର୍ଥନ ଦେଇଆସିଛି । କୃଷି ବିଲ୍, ଏନ୍ଆରସିରେ ବିଜେଡି କେନ୍ଦ୍ରକୁ ସମର୍ଥନ ଦେଇନାହିଁ । ସନାତନ ଧର୍ମକୁ ବିଲୁପ୍ତ କରିବା ପାଇଁ ତାମିଲନାଡୁର କିଛି ରାଜନେତା କହୁଛନ୍ତି । ଯାହାକୁ ନେଇ ବିବାଦ ଦେଖାଦେଇଛି । ଏହା ଉପରେ ଟିପ୍ପଣୀ ଦେଇ ଶ୍ରୀ ପାଣ୍ଡିଆନ କହିଥିଲେ, ଏଭଳି ମନ୍ତବ୍ୟ ଦେବା ପୂର୍ବରୁ ସେମାନେ ସନାତନ ଧର୍ମକୁ ଅଧିକ ପଢ଼ିବାର ଆବଶ୍ୟକତା ଅଛି ।

ଯଦି ଠିକ୍ ଭାବେ ସନାତନ ଧର୍ମକୁ ପଢ଼ିବେ ତା'ହାଲେ ବୁଝିପାରିବେ । ଜଗନ୍ନାଥଙ୍କ ଉପରେ ମୋର ଗଭୀର ବିଶ୍ୱାସ ରହିଛି । ସରକାରୀ ସ୍କୁଲରେ ପଢୁଥିବା ବେଳେ ମୁଁ କେବେ ବି ଏଗ୍ରିକଲଚର ପରୀକ୍ଷାରେ ଦେଶରେ ଟପ୍ପର ହେବି ବୋଲି ଭାବି ନ ଥିଲି । ଏପରିକି ଆଇଏଏସ୍ ହେବା ପରେ ରାଜନୀତିକୁ ଆସିବା କଥା ମଧ ଚିନ୍ତା କରି ନ ଥିଲି । ତେଣୁ ଏକ ଈଶ୍ୱରୀୟ ଶକ୍ତି ନିଶ୍ଚିତ ଭାବେ ରହିଛି । ଏହାକୁ ନେଇ ମୋର କୌଣସି ପ୍ରକାର ଦ୍ୱନ୍ଦ୍ୱ ନାହିଁ ।

ଶ୍ରୀ ପାଣ୍ଡିଆନ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ କଂଗ୍ରେସକୁ ସବୁବେଳେ ବିରୋଧ କରିଆସିଛନ୍ତି । ରାଜ୍ୟରେ କଂଗ୍ରେସର ଦୁର୍ନୀତି ବିରୋଧରେ ସେ ଲଢ଼େଇ କରିଛନ୍ତି । ଏଭଳି ପରିସ୍ଥିତିରେ କଂଗ୍ରେସ ସହିତ ବିଜେଡିର କୌଣସି ପ୍ରକାର ମେଣ୍ଟ ସମ୍ଭବ ନୁହେଁ । ନୀତୀଶ କୁମାର ମୁଖ୍ୟମନ୍ତ୍ରୀଙ୍କୁ 'ଇଣ୍ଡିଆ' ମେଣ୍ଟରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ । ଯେହେତୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଦୀର୍ଘବର୍ଷରୁ ଜାଣିଛନ୍ତି ତେଣୁ ତାଙ୍କ ସହ କେବଳ ଭଲରେ କଥା ହୋଇଥା'ଛି ।

## ୧୫ ବର୍ଷ ପରେ ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୨୦୦୯ରେ ହାରିବା ପରେ ଶ୍ରୀ ପ୍ରଧାନ ୨୦୧୨ରେ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ଏଥିପୂର୍ବରୁ ୨୦୦୪ରେ ସେ ଦେବଗଡର ସାଂସଦ ଭାବରେ ଦିଲ୍ଲୀ ଯାଇ ନିଜର ପ୍ରଭାବ ବିସ୍ତାର କରିଥିଲେ । ଦଳରେ ତାଙ୍କର ସାଙ୍ଗଠନିକ ଶକ୍ତିକୁ ଗୁରୁତ୍ୱ ଦିଆଯାଇଥିଲା । ୨୦୦୪ରେ ତାଙ୍କୁ ବିଜେପି ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି କରାଯାଇଥିଲା । ୨୦୦୯ ପରେ ସେ ଆଉ ପ୍ରତ୍ୟକ୍ଷ ନିର୍ବାଚନ ଲଢିନଥିଲେ । ଦୁଇଥର ରାଜ୍ୟସଭାକୁ ଯାଇ ମନ୍ତ୍ରୀ ହୋଇଥିଲେ । ଏଥର କିନ୍ତୁ ତାଙ୍କ ରାଜ୍ୟସଭା ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡିଥିବାରୁ ସେ. ପ୍ରତ୍ୟକ୍ଷ ନିର୍ବାଚନକୁ ଫେରିବା ସ୍ପଷ୍ଟ ହୋଇଛି । ସେ ଏଥର ସମ୍ବଲପୁର ଆସନରୁ ଲୋକସଭା ନିର୍ବାଚନ ଲଢିବା ନେଇ ପ୍ରସ୍ତୁତ ହେଉଛନ୍ତି । ନିଶ୍ଚିତ ଭାବରେ ତାଙ୍କ ପାଇଁ ପୁଣିଥରେ ୧୫ ବର୍ଷ ପରେ ଏହା ଏକ ନୂଆ ଯାତ୍ରା ହେବ ।

## ଜ୍ୟାକ୍ ଆଣ୍ଡ ଜିଲ୍ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର: ରେଳ ନଗର ଠାରେ ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନ ଦ୍ୱାରା ପରିଚାଳିତ ଜ୍ୟାକ୍ ଆଣ୍ଡ ଜିଲ୍ ସ୍କୁଲର ବାର୍ଷିକ ଉତ୍ସବ 'ଆରୋହାନ' ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ମୁଖ୍ୟଅତିଥି, ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ଉପାଧକ୍ଷା ରୁଚିକା ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ସ୍କୁଲ ଅଧକ୍ଷା ସଂଯୁକ୍ତା ପତି ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।



## ପାଲା ଗାୟକ ନାରାୟଣ ମହାରଣା ସମ୍ମାନିତ



ଭୁବନେଶ୍ୱର : ଜଗତସିଂହପୁରର ବିଶିଷ୍ଟ ପାଲା ଗାୟକ ନାରାୟଣ ମହାରଣା ବିଧଗ୍ଧ କବି ଅଭିମନ୍ୟୁ ସମ୍ମାନ ୨୦୨୪ରେ ସମ୍ମାନିତ ହୋଇଛନ୍ତି । ବିଧଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୪ ତମ ଜୟନ୍ତୀ ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଓ ବିଧାୟକ ଅମର ପ୍ରସାଦ ଶତପଥୀ ଶ୍ରୀ ମହାରଣାଙ୍କୁ ସମ୍ମାନିତ କରିଛନ୍ତି ।

## ଋଣ ଖିଲାପକାରୀ ଗିରଫ

ସମ୍ବଲପୁର : ଚୋଲାମଣ୍ଡଲମ ଘରୋଇ ଋଣଦାତା କମ୍ପାନୀରୁ ଋଣ ନେଇ ତାକୁ ପରିଶୋଧ କରିବାରେ ଖିଲାପକରି ମାୟାବଗିଚା ନିବାସୀ ପ୍ରେମ୍ ବାହାଦୁର ମାଝୀ ଗିରଫ ହୋଇଛନ୍ତି । ପ୍ରେମ୍ ବାହାଦୁର ଏକ ଗାଡ଼ି କିଣିବା ପାଇଁ ଉକ୍ତ କମ୍ପାନୀରୁ ଋଣ ନେଇଥିଲେ । ତେବେ ସେ ଋଣର କିସ୍ତି ଟଙ୍କା ପରିଶୋଧ କରି ନ ଥିଲେ । କମ୍ପାନୀ ପକ୍ଷରୁ ଗାଡ଼ିକୁ ଜବତ କରିବା ପାଇଁ ଖୋଜା ଯାଇଥିଲେ ହେଁ ନ ପାଇବାରୁ ପ୍ରେମ୍ କୁମାର ଏବଂ ତାଙ୍କ ପତ୍ନୀଙ୍କ ନାମରେ କୋର୍ଟରେ ଅଭିଯୋଗ ହୋଇଥିଲା । କୋର୍ଟ ଉଭୟଙ୍କ ନାମରେ ଆଇପିସିର ଦଫା ୪୦୬/୪୨୦, ୧୨୦ ବି ଓ ୩୪ ରେ ମାମଲା ରୁଜୁ କରି ଗିରଫଦାରୀ ପାଇଁ ଓ୍ୱାରେଣ୍ଟ ଜାରି କରିଥିଲେ । ତେବେ ପୋଲିସ୍ ପ୍ରେମ୍ ବାହାଦୁରକୁ ଗିରଫ କରି ସାରିଥିବା ବେଳେ ତାଙ୍କ ପତ୍ନୀ ରଞ୍ଜୁ ମାଝୀଙ୍କୁ ଗିରଫ୍ ପାଇଁ ଖୋଜୁଥିବା ଜଣାପଡିଛି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଏମ୍‌ସିଏଲ୍‌ରେ ଖଣି ସୁରକ୍ଷା ପ୍ରଦର୍ଶନୀ ଓ ପୁରସ୍କାର ବିତରଣୀ ଉତ୍ସବ














ବୁର୍ଲା : ବାର୍ଷିକ ଖଣି ସୁରକ୍ଷା ପକ୍ଷ ପାଳନ ଅବସରରେ ଏମ୍‌ସିଏଲ୍ ମୁଖ୍ୟାଳୟରେ ଏକ ଅଭିନବ ଓ ସୁରକ୍ଷା ଅଭ୍ୟାସ ଉପରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଖଣି ମହାନିର୍ଦ୍ଦେଶକ, କ୍ଷେତ୍ର ୧ ଓ ୨ ଅଧୀନରେ ଥିବା ବିଭିନ୍ନ ନିର୍ମାଣ ଓ ଖଣି ସଂଗଠନ, ବୈଷୟିକ ଷ୍ଟାର୍ଟ ଅପ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଖଣି ମହାନିର୍ଦ୍ଦେଶକ ପ୍ରଭାତ କୁମାର ଏମ୍‌ସିଏଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଉଦୟ ଅନନ୍ତ କାଓଲେଙ୍କ ଉପସ୍ଥିତିରେ ପ୍ରଦର୍ଶନୀର ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଗସ୍ତରେ ଥିବା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଏମ୍.ସି.ଏଲ୍ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ଏହି ପ୍ରଦର୍ଶନୀ ବୁଲି ଦେଖିବା ସାଙ୍ଗକୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପଖଣି ମହାନିର୍ଦ୍ଦେଶକ ଏସ୍.ଡି.ଚିଦ୍ଧାରୱାର, ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସିଭିଓ ପି.କେ. ପଟେଲଙ୍କ ସମେତ କେ.କେ. ବୋରା, ଏ.କେ.ବେହୁରା, ଏ.ଏସ୍. ବାପଟ, କେ.ମଣ୍ଡଳ, ଆର୍.ପି. ଠାକୁରଙ୍କ ଭଳି ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ସୁଇଟ୍'ର ୧୪ତମ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ




ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ସୁଇଟ୍)ର ଚତୁର୍ଦ୍ଦଶ ପ୍ରତିଷ୍ଠା ଦିବସ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ମୁଖ୍ୟ ଅତିଥି ଓ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ନୃପରାଜ ସାହୁ ମଧ ମଞ୍ଚାସୀନ ଥିଲେ। ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଛାତ୍ର କଲ୍ୟାଣ ଡିନ ଡକ୍ଟର ସୁଦର୍ଶନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ସୁଇଟ୍ ପ୍ରତିଷ୍ଠା ଉତ୍ସବ ସମାରୋହକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ପ୍ରତିଷ୍ଠାନର ଛାତ୍ରୀ ସୌମ୍ୟା ସମର୍ପିତା ସାମଲଙ୍କୁ କୁଳପତି ପୁରସ୍କାର, ଛାତ୍ର ଶ୍ରୀତମ ସ୍ୱାଇଁ, ଆୟୁଷ ନାଥ, ରାକେଶ ଦାଶ ଏବଂ ରୁପେଶ ପାଢ଼ୀଙ୍କୁ ଶିକ୍ଷାକ୍ଷେତ୍ରରେ ଉତ୍କର୍ଷତା ପାଇଁ ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯାଇଥିଲା।

## 'ଯଶସ୍ୱୀ ଯତୀନ୍ଦ୍ର' ଉନ୍ମୋଚିତ



ସମ୍ବଲପୁର : ବିଶିଷ୍ଟ ଅଧାତ୍ମ ପ୍ରେମୀ ଡାକ୍ତର ଯତୀନ୍ଦ୍ର ମୋହନ ପୂଜାରୀଙ୍କ ପ୍ରଥମ ବାର୍ଷିକୀ ଅବସରରେ 'ଯଶସ୍ୱୀ ଯତୀନ୍ଦ୍ର' ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଅର୍ଜୁନ ରଂଜନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟାନ୍ୟମାନଙ୍କ ମଧରେ ପ୍ରଫେସର ଶଙ୍କର ପ୍ରସାଦ ପତି, ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା କବି ବିନୋଦ ପଶାୟତ, ଡାକ୍ତର ନାରାୟଣୀ ପଣ୍ଡା, ଡକ୍ଟର ଜୟଦେବ ତନସନା, ଅରବିନ୍ଦ ମହାପାତ୍ର, ଧ୍ରୁବ ପଣ୍ଡା, ଡାକ୍ତର ଗୁଣ ସାଗର ଦାଶ, ଗୌରୀଦାସ ପ୍ରଧାନ, ଦୀପକ ପୂଜାରୀ ପ୍ରମୁଖ ମଧ ବକ୍ତବ୍ୟ ରଖିଥିଲେ। ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୟାମଣି ବୃଦ୍ଧାଶ୍ରମର ଷଷ୍ଠ ପ୍ରତିଷ୍ଠା ଦିବସ





ସମ୍ବଲପୁର : ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମର ଷଷ୍ଠ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟ ଅତିଥି ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧକ୍ଷା ମୀନାକ୍ଷୀ ପୂଜାରୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ତତ୍ତ୍ୱାବଧାରିକା ପୂର୍ବତନ ସାଂସଦ ସୁଶ୍ରୀ ପ୍ରମିଳା ବହିଦାର ବୃଦ୍ଧାଶ୍ରମ ଗଠନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟାବଳୀ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ଇଂ ଶ୍ରୀକାନ୍ତ ପାଣିଗ୍ରାହୀ ବୃଦ୍ଧାଶ୍ରମର ଭବିଷ୍ୟତ ରୂପରେଖ ଉପରେ ଆଲୋଚନା କରିଥିବା ବେଳେ ଅନ୍ୟତମ ସଦସ୍ୟ ଆଇନଜୀବୀ ଅଶୋକ କୁମାର ସେନାପତି ବୃଦ୍ଧାଶ୍ରମର ସୁପରିଚାଳନା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବୃଦ୍ଧାଶ୍ରମର ଅନ୍ତେବାସୀ ହୀରାଲାଲ ଚୌହାନ ଓ ଅନ୍ତେବାସିନୀ କିଶୋରୀ ବେହେରା, ବେଦମତୀ ମେହେର, ଯାଜ୍ଞସେନୀ ପାତ୍ର ପ୍ରମୁଖ ଆଶ୍ରମ ରହଣୀର ସୁଖଦ ଅନୁଭୂତି ପ୍ରକାଶ କରି ଆତ୍ମସନ୍ତୋଷ ଲାଭ କରିଥିବା କହିଥଲେ। ଅନ୍ୟାନ୍ୟ ମାନଙ୍କ ମଧରେ ବଦ୍ରି ନାରାୟଣ ମିଶ୍ର ଓ ସୁଶୀଲ କୁମାର ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବୃଦ୍ଧାଶ୍ରମକୁ ଆର୍ଥିକ ସହଯୋଗ କରିଥିବା ଝାଡୁଆପଡାର କୁନାଲ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବାବାଜୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମ୍ବାଦିକ ବିନୟ ପ୍ରଧାନ ସମ୍ମାନିତ



ସୋନପୁର: ମନମୁଣ୍ଡା ଠାରେ ଆୟୋଜିତ ଅସୁରଗଡ଼ ଲୋକ ମହୋତ୍ସବରେ ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ବିନୟ ରଞ୍ଜନ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବର ଉଦଯାପନୀ ଉତ୍ସବରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ ଶ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra